ବର୍ଷ-୨୬, ସଂଖ୍ୟା-୧୫୯
ଭୁବନେଶ୍ୱର
୧୩, ଜୁନ ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 159
Bhubaneswar
13, June, 2026, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଦୁଇ ବର୍ଷର ସଫଳତାର ରିପୋର୍ଟ ପ୍ରସ୍ତୁତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨।୬(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଶୁକ୍ରବାର ଦିନ ରାଜ୍ୟର ବିଜେପି ସରକାରର ଦୁଇ ବର୍ଷର କାର୍ଯ୍ୟସଫଳତା ରିପୋର୍ଟ ପ୍ରସ୍ତୁତ କରିବା ସହ ଆଗାମୀ ତିନି ବର୍ଷ ପାଇଁ ସରକାରଙ୍କ ରୋଡମ୍ୟାପ୍ ଉପସ୍ଥାପନ କରିଛନ୍ତି। ସେ ଶାସନ, ଭିତ୍ତିଭୂମି, କଲ୍ୟାଣମୂଳକ ଯୋଜନା ଏବଂ ଆର୍ଥିକ ବିକାଶ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଉପଲବ୍ଧିଗୁଡ଼ିକୁ ଉଲ୍ଲେଖ କରିଛନ୍ତି।

ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଆୟୋଜିତ ପ୍ରେସ୍‌ବିବୃତ୍ତିରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦୁଇ ବର୍ଷରେ ଓଡିଶା ଏକ ଦୁର୍ନୀତିମୁକ୍ତ ପ୍ରଶାସନ ଅଧୀନରେ ଉନ୍ନତିର ପଥରେ ଅଗ୍ରସର ହୋଇଛି। ସେ ଦାବି କରିଛନ୍ତି ଯେ 'ଡବଲ ଇଞ୍ଜିନ୍' ସରକାର ଜନସାଧାରଣଙ୍କୁ ଅଧିକ ଲାଭ ପ୍ରଦାନ କରିଛି ଏବଂ ପୂର୍ବତନ ସରକାର ଜନତାଙ୍କର ଆଶା ପୂରଣ କରିବାରେ ବିଫଳ ହୋଇଥିଲା ବୋଲି ଅଭିଯୋଗ କରିଛନ୍ତି।

ସେ କହିଛନ୍ତି ଯେ, ମହିଳା ସଶକ୍ତିକରଣ ପାଇଁ ସରକାର କାର୍ଯ୍ୟ କରୁଛନ୍ତି । ଆମ ସରକାରଙ୍କ ପ୍ରଥମ କ୍ୟାବିନେଟରେ 'ସୁଭଦ୍ରା ଯୋଜନା'କୁ ଅନୁମୋଦନ କରିଥିଲା ଏବଂ ଏହି ଦୁଇ ବର୍ଷ ମଧ୍ୟରେ ୨୦ ହଜାର ୬୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ପ୍ରଦାନ କରାଯାଇଛି।

ସୁଭଦ୍ରା ସହିତ ଆମ ସରକାର ମହିଳାଙ୍କ ବିକାଶ ପାଇଁ କନ୍ୟା ବିବାହ ଯୋଜନା ଆଣି ୧୩୦୦ ଗରିବ କନ୍ୟାଙ୍କୁ ମର୍ଯ୍ୟାଦାଜନକଭାବେ ସାମୂହିକ ବିବାହ ଅନୁଷ୍ଠିତ କରାଇଛି । ଆଉ ଏକ ଯୁଗାନ୍ତକାରୀ କନ୍ୟା ସୁମଙ୍ଗଳ ଯୋଜନା ଆଣିଛନ୍ତି ଯାହା ମାନନୀୟ ପ୍ରଧାନମନ୍ତ୍ରୀଙ୍କ 'ବେଟି ବଚାଓ, ବେଟି ପଢାଓ' ନୀତିର ଏକ ସାର୍ଥକ ପ୍ରତିଫଳନ। ଗତ ଦୁଇ ବର୍ଷ ମଧ୍ୟରେ ଚାରି ଲକ୍ଷରୁ ଅଧିକ ଏସଏଚଜି କୁ ରିହାତି ସୁଧରେ ୩୮ ହଜାର ୭୯୫ କୋଟି ଟଙ୍କାର ବ୍ୟାଙ୍କ ଋଣ ସଂଯୋଗୀକରଣ ସୁବିଧା ଯୋଗାଇ ଦିଆଯାଇଛି । ଆଜି ୨୩ ଲକ୍ଷ ୫୦ ହଜାର ଲକ୍ଷପତି ଦିଦି ଆର୍ଥିକ ସ୍ତରରେ ସଶକ୍ତ ହୋଇଛନ୍ତି।

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ ରାଜ୍ୟର ଚାଷୀଭାଇ ଓ ଭଉଣୀମାନେ ଆମପାଇଁ କୃଷକ ନୁହନ୍ତି, ସେମାନେ ଆମପାଇଁ ଅନ୍ନଦାତା। ତେଣୁ, ଅନ୍ନଦାତାଙ୍କୁ ସମ୍ମାନ ଦେବା ସହ ଆମେ ତାଙ୍କୁ ସଶକ୍ତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛୁ। ପ୍ରଥମ କ୍ୟାବିନେଟରେ ସୁଭଦ୍ରା ଯୋଜନା ପରି ସମୃଦ୍ଧ ଓଡିଶାକୁ ଆମ ସରକାର ଅନୁମୋଦନ ଦେଇଥିଲା। ୨୦୨୫-୨୬ ଖରିଫ୍ ଋତୁରେ ଗତ ମାସ ୭ ତାରିଖ ସୁଦ୍ଧା ରେକର୍ଡ ସଂଖ୍ୟକ ୧୮ ଲକ୍ଷ ୮୩ ହଜାର ଚାଷୀଙ୍କଠାରୁ ୭୭ ଲକ୍ଷ ୪୧ ହଜାର ମେଟ୍ରିକ ଟନ ଧାନ କିଣା ସରିଛି ଏବଂ ରବି ଋତୁରେ ଚାଷୀଙ୍କଠାରୁ ୪ ଲକ୍ଷ ୮୫ ହଜାର ମେଟ୍ରିକ ଟନ ଧାନ କିଣାଯାଇଛି ।

ଏଥି ସହିତ କୃଷି ବିଦ୍ୟାନିଧି ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍‌ଯୋଗ ଯୋଜନା, ୧୦୦ ମଡେଲ ମଣ୍ଡି ପ୍ରତିଷ୍ଠା କରି ଅନ୍ନଦାତାଙ୍କ ସଶକ୍ତିକରଣ ଆମେ କରୁଛୁ।

ସେ କହିଛନ୍ତି ଯେ ରାଜ୍ୟରେ ଖାଦ୍ୟ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଆମ ସରକାର ଆଜିଠାରୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଆରମ୍ଭ କରିବାକୁ ଯାଉଛି । ଏହାଦ୍ୱାରା ଏନଏଫଏସଏ ଓ ଏସଏଫଏସଏସ ଯୋଜନାର ସମସ୍ତ ହିତାଧିକାରୀଙ୍କୁ ମାସକୁ ୫ କିଲୋଗ୍ରାମ ଅତିରିକ୍ତ ଚାଉଳ ବିନାମୂଲ୍ୟରେ ମିଳିବ । ଏଣିକି ଜଣେ ହିତାଧିକାରୀଙ୍କୁ ମାଗଣାରେ ୧୦ କିଲୋଗ୍ରାମ ଚାଉଳ ମିଳିବ।

ଏହାଦ୍ୱାରା ରାଜ୍ୟର ୩ କୋଟି ୨୮ ଲକ୍ଷ ୫୨ ହଜାର ହିତାଧିକାରୀ ଉପକୃତ ହେବେ । ସମୁଦାୟ ଜନସଂଖ୍ୟାର ପ୍ରାୟ ୮୦ ପ୍ରତିଶତ ଯୋଜନାର ସୁଫଳ ପାଇବେ । ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ୮ ହଜାର ୮୧୩ କୋଟି ଟଙ୍କା ଖର୍ଚ୍ଚ କରିବେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ, ସ୍ୱାସ୍ଥ୍ୟ ହିଁ ସମ୍ପଦ। ଆମ ସରକାର ଏହି କଥନଟିକୁ ଗମ୍ଭୀରତାର ସହ ନେଇଛନ୍ତି। ତେଣୁ, ଆମ ସରକାର ଆସିବା ମାତ୍ରେ, ରାଜନୈତିକ କାରଣରୁ ସ୍ଥଗିତ ରଖାଯାଇଥିବା ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ କାର୍ଯ୍ୟକାରୀ କରିଛନ୍ତି ଯାହା ଫଳରେ ରାଜ୍ୟର ୩ କୋଟି ୪୬ ଲକ୍ଷ ହିତାଧିକାରୀ ଦେଶର ୩୨ ହଜାର ପ୍ରତିଷ୍ଠିତ ହସ୍ପିଟାଲରେ କ୍ୟାସଲେସ ଚିକିତ୍ସା ସୁବିଧା ପାଉଛନ୍ତି। ଇତି ମଧ୍ୟରେ ନୂତନ ମହାରାଜା ଯଯାତୀ କେଶରୀ ମେଡିକାଲ କଲେଜ, ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ, ଏବଂ କନ୍ଧମାଳ ସରକାରୀ ମେଡିକାଲ କଲେଜରେ ଏମବିବିଏସ ପାଠ୍ୟକ୍ରମ ଆରମ୍ଭ ହୋଇଛି ।

ସେହିପରି ନବରଙ୍ଗପୁର ସରକାରୀ ମେଡିକାଲ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ସହିତ ଖୁବ୍ ଶୀଘ୍ର ଜଗତସିଂହପୁର, ଢେଙ୍କାନାଳ ଓ ଭଦ୍ରକରେ ନୂଆ ମେଡିକାଲ କଲେଜ ସ୍ଥାପନ କରାଯିବ । ଆୟୁଷ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଇ ରାଇରଙ୍ଗପୁରରେ ନୂତନ ଆୟୁର୍ବେଦ ମେଡିକାଲ କଲେଜ ଏବଂ ହସ୍ପିଟାଲ ଭିତ୍ତିପ୍ରସ୍ତର ସ୍ଥାପନ ମାନ୍ୟବର ରାଷ୍ଟ୍ରପତିଙ୍କ କରକମଳରେ ହୋଇଛି। ରାଜ୍ୟରେ ୩ଟି ନୂତନ ସରକାରୀ ଆୟୁର୍ବେଦିକ ମେଡିକାଲ କଲେଜ ଖୋଲାଯିବ ଓ ୨ଟି ହୋମିଓପାଥିକ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ । ସ୍ୱାସ୍ଥ୍ୟ ସେବାକୁ ଅବାଧ କରିବା ପାଇଁ ସରକାର ବିଭିନ୍ନ ସମୟରେ ଏବଂ ବର୍ଗରେ ନୂତନ ନିଯୁକ୍ତି ଦେଇଛନ୍ତି । ଗତ ଦୁଇ ବର୍ଷରେ ୫ ହଜାର ୧୯୭ ମେଡିକାଲ ଅଫିସର ଏବଂ ପାରାମେଡିକ୍ସ ନିଯୁକ୍ତ ଦିଆଯାଇଛି।




ସେ କହିଛନ୍ତି ଯେ ଚଳିତ ବଜେଟରେ ୭୨ ହଜାର ୧୦୦ କୋଟି ଟଙ୍କାର ପୁଞ୍ଜିଖର୍ଚ୍ଚ ପ୍ରାବଧାନ କରାଯାଇଛି ଯାହା ରାଜ୍ୟ ଜିଡ଼ିପିର ୬.୫ ପ୍ରତିଶତ। ଏହି ଅନୁପାତ ସାରା ଦେଶରେ ସବୁ ରାଜ୍ୟଠାରୁ ଅଧିକ।ରାଜ୍ୟ ସରକାର ମଧ୍ୟ ଏହି ୨ ବର୍ଷରେ ଅନେକ ଭିତ୍ତିଭୂମି ପ୍ରକଳ୍ପ ହାତକୁ ନେଇଛନ୍ତି। ଏହି ସମୟ ମଧ୍ୟରେ ରାଜ୍ୟରେ ପ୍ରାୟ ୯ ହଜାର କିଲୋମିଟର ରାସ୍ତା, ୫୭ଟି ସେତୁ ଓ ୪ଟି ରେଳ ଓଭର ବ୍ରିଜ ପାଇଁ ପ୍ରାୟ ୧୭ ହଜାର କୋଟି ଟଙ୍କା ବିନିଯୋଗ କରାଯାଇଛି।

ଭୁବନେଶ୍ୱରରେ ଯାତାୟତ ଭିଡ ହ୍ରାସ କରିବା ପାଇଁ ୩୬ଟି ରାସ୍ତାର ମାଷ୍ଟର ପ୍ଲାନ ଅନୁମୋଦିତ ହୋଇଛି। ଏଥି ମଧ୍ୟରୁ ପ୍ରାୟ ୨୭ କିଲୋମିଟର ଦୀର୍ଘ ୮ଟି ସଡକ ପ୍ରକଳ୍ପ ପାଇଁ ପ୍ରାୟ ୧ ହଜାର ୨୦୦ କୋଟି ଟଙ୍କା ମଞ୍ଜୁର ହୋଇଛି। ଆଜି ଏଥି ମଧ୍ୟରୁ ଗୋଟିଏ ରାସ୍ତାର ଶୁଭ ଉଦ୍ଘାଟନ ହେବ ।

ଏହା ସହିତ ଯାତାୟତ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ କେତୋଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଧ୍ୟ ଯୋଜନା କରାଯାଇଛି। ମାଲକାନଗିରିର ମୋଟୁ ଠାରୁ ମୟୂରଭଞ୍ଜର ତିରିଙ୍ଗ ପର୍ଯ୍ୟନ୍ତ ଅଟଳ ଏକ୍ସପ୍ରେସ-ୱେ, ପାରଳାଖେମୁଣ୍ଡିରୁ ଅମ୍ବାଭୋନା ପର୍ଯ୍ୟନ୍ତ ନମୋ ଏକ୍ସପ୍ରେସ-ୱେ, ବ୍ରହ୍ମପୁର-ଜୟପୁର ଏକ୍ସପ୍ରେସ୍-ୱେ, ଭୁବନେଶ୍ୱର ରାଇଟ୍ ଆକ୍‌ସେସ୍ ରୋଡ୍ ନେଟୱାର୍କ, ଭୁବନେଶ୍ୱର ଜୟଦେବ ବିହାର-ନନ୍ଦନ କାନନ ରୋଡ୍ ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ କାମ ଆରମ୍ଭ ହୋଇଛି କିମ୍ବା ଖୁବଶୀଘ୍ର ହେବ।

ସେ କହିଛନ୍ତି ଯେ ଗତ ବର୍ଷ ଜାନୁୟାରୀରେ ଅନୁଷ୍ଠିତ ହୋଇଥିବା ଉତ୍କର୍ଷ ଓଡିଶା ଠାରୁ ଆରମ୍ଭ କରି ଦେଶର ବିଭିନ୍ନ ସ୍ଥାନରେ ନିବେଶ ସମ୍ମିଳନୀ ଓ ରୋଡ୍ ସୋ ଆୟୋଜନ କରି ଆମେ ମୋଟ ୨୦ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇପାରିଛୁ। ଏହିସବୁ ନିବେଶ ଦ୍ୱାରା ପ୍ରାୟ ୧୭ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି ।

ଏହି ୨ ବର୍ଷରେ ଆମ ସରକାର ସିଙ୍ଗଲ ୱିଣ୍ଡୋ କ୍ଲିଅରାନ୍ସ ଜରିଆରେ ୮ ଲକ୍ଷ ୬୯ ହଜାର କୋଟି ଟଙ୍କାର ୪୩୩ଟି ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଯାହାଦ୍ୱାରା ୫ ଲକ୍ଷ ୨୫ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିହେବ।

ଏହି ସମୟ ମଧ୍ୟରେ ଆମେ ୨ ଲକ୍ଷ ୧୮ ହଜାର କୋଟି ଟଙ୍କାର ୧୧୪ଟି ପ୍ରକଳ୍ପର ଶିଳାନ୍ୟାସ କରିଛୁ। ଏହା ସହିତ ପ୍ରାୟ ୬୭ ହଜାର କୋଟି ଟଙ୍କାର ୩୪ଟି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ସମୁଦାୟ ୨ ଲକ୍ଷ ୮୫ ହଜାର କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରାଯାଇଛି। ଯାହାଦ୍ୱାରା ପ୍ରାୟ ୨ ଲକ୍ଷ ୪୦ ହଜାର ନିଯୁକ୍ତି ସୃଷ୍ଟି ହୋଇଛି। ଆମ ଶିଳ୍ପାୟନର ନୀତି ହେଉଛି ରାଜ୍ୟର ସବୁ ଜିଲ୍ଲା ହେବ ଶିଳ୍ପାୟନ। ଆମର ଏହି ପଦକ୍ଷେପ ବିକାଶକୁ ସମାବେଶୀ କରିବାରେ ସହାୟକ ହେବ।

ସେ କହିଛନ୍ତି ଯେ ଆମ ସରକାରଙ୍କ ସମୟରେ ମହିଳା ବିରୋଧୀ ଅପରାଧ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ବେଳେ ଆଇନଗତ ପଦକ୍ଷେପ ନିଆଯାଇ ଦଣ୍ଡହାର ଅହେତୁକ ଭାବେ ବୃଦ୍ଧି ପାଇଛି । ୨୦୨୩ ରେ ମହିଳା ବିରୋଧୀ ଅପରାଧରେ ଦୋଷୀ ସାବ୍ୟସ୍ତ ହାର ମାତ୍ର ୬.୭ ପ୍ରତିଶତ ଥିବା ବେଳେ, ୨୦୨୫ ଜୁନ ସୁଦ୍ଧା ଏହା ୬୨ ପ୍ରତିଶତକୁ ବୃଦ୍ଧି ପାଇଛି। ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବା ପରେ ଓଡ଼ିଶାର ସାମଗ୍ରୀକ ଦୋଷୀ ସାବ୍ୟସ୍ତ ହାର ୮୭.୬ ପ୍ରତିଶତକୁ ବୃଦ୍ଧି ପାଇଛି ଯାହା ପୂର୍ବରୁ ପ୍ରାୟ ୧୧ ପ୍ରତିଶତ ଥିଲା। ଯଦି ଅଭିଯୁକ୍ତଙ୍କୁ ଦଣ୍ଡିତ କରିବା ଆଇନ ଶୃଙ୍ଖଳାରେ ମାନକ ନୁହେଁ, ତ ଆଉ କେଉଁ ମାନକକୁ ଧରାଯିବ, ଯଦି ବିରୋଧୀଦଳ ନେତା କହିବେ, ତେବେ ଆମେ ତା ଉପରେ କାର୍ଯ୍ୟ କରିବୁ।ରାଜ୍ୟରେ ଆଇନ ଶୃଙ୍ଖଳାକୁ ଗୁରୁତ୍ୱ ଦେଇ ପୋଲିସ ବିଭାଗକୁ ଅଧିକ ସଶକ୍ତ କରୁଛୁ। ଆମେ ଏଥି ପାଇଁ ୨୧ ହଜାର ୧୮୬ଟି ନୂତନ ପଦବୀ ସୃଷ୍ଟି କରିବା ସହିତ ଅନ୍ୟ ଆନୁଷଙ୍ଗିକ ସମ୍ବଳ ମଧ୍ୟ ପ୍ରଦାନ କରାଯାଉଛି। ସେ କହିଛନ୍ତି ଯେ ଟେକ୍ନୋଲୋଜି ଇକୋସିଷ୍ଟମକୁ ସୁଦୃଢ କରିବା ପାଇଁ ପ୍ରାୟ ୧ ହଜାର ଏକ ଶହ କୋଟି ଟଙ୍କା ବିନିଯୋଗରେ ପ୍ରଯୁକ୍ତିବିଦ୍ୟା ବିକାଶ ଯୋଜନାକୁ ମଞ୍ଜୁରୀ ଦିଆଯାଇଛି । ଏହା ସହିତ ପ୍ରାୟ ୩୦୦ କୋଟି ଟଙ୍କାରେ ଭୁବନେଶ୍ୱର ନିକଟରେ ୭୭ ଏକର ଜମିରେ ଏକ ଆଇକନିକ୍ ସାଇନ୍ସ ସିଟି ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଛି। ସେମିକଣ୍ଡକ୍ଟର, ଇଲୋକ୍ଟ୍ରୋନିକ୍ସ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ପରି ଆଧୁନିକ ଟେକ୍ନୋଲୋଜି ପାଇଁ ସ୍ୱତନ୍ତ୍ର ନୀତି ପ୍ରସ୍ତୁତ ହୋଇଛି।

## ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ସମାରୋହ

# ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର, ୧୨।୬(ମହାଭାରତ):: ଓଡିଶାର କୌଣସି ପରିବାର ଭୋକରେ ରହିବେ ନାହିଁ, କୌଣସି ଶିଶୁ ଅପପୁଷ୍ଟିର ଶିକାର ହେବେ ନାହିଁ, କୌଣସି ବୟୋଜ୍ୟେଷ୍ଠ ଅନ୍ନ ଅଭାବରୁ କଷ୍ଟ ପାଇବେ ନାହିଁ, ଏହି ମହାନ୍ ଉଦ୍ଦେଶ୍ୟ ରଖି ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଆରମ୍ଭ କରାଯାଇଛି ବୋଲି ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ସମାରୋହ ଅବସରରେ ଜନକଲ୍ୟାଣକାରୀ ଯୋଜନା ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ ଅବସରରେ କହିଛନ୍ତି ।



ଭୁବନେଶ୍ୱର ୟୁନିଟ୍-୩, ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଆୟୋଜିତ ଏହି ସମାରୋହ ଉତ୍ସବରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ପକ୍ଷରୁ ୨ ବର୍ଷ ମଧ୍ୟରେ ନିଆଯାଇଥିବା ବିଭିନ୍ନ ଜନକଲ୍ୟାଣକାରୀ ପଦକ୍ଷେପ ଓ ଯୋଜନା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ଆମ ସରକାର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ୍, ସବ୍‌କା ବିଶ୍ୱାସ୍ ଓ ସବ୍‌କା ପ୍ରୟାସ୍'ର ମନ୍ତ୍ରକୁ ନେଇ ଆଗକୁ ବଢୁଛନ୍ତି । ମୋଦୀଜୀଙ୍କ ବିକଶିତ ଭାରତର ସ୍ୱପ୍ନ ଏବଂ ଓଡିଶାବାସୀଙ୍କ ଆଶୀର୍ବାଦକୁ ପାଥେୟ କରି ଆମେ ଏକ ସମୃଦ୍ଧ, ସଶକ୍ତ ଏବଂ ସ୍ୱାଭିମାନୀ ଓଡିଶା ଗଢିବାକୁ ପ୍ରତିବଦ୍ଧତାର ସହ ଉଦ୍ୟମ ଜାରି ରଖିଛୁ ।

ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହା କେବଳ ଏକ ଯୋଜନା ନୁହେଁ, ଏହା ଆମ ସରକାରଙ୍କ ଜନକଲ୍ୟାଣ ପ୍ରତି ଅଙ୍ଗୀକାରବଦ୍ଧତା, ଗରିବ ଜନସାଧାରଣଙ୍କ ପ୍ରତି ସମ୍‌ୱେଦନଶୀଳତା ଓ ରାଜ୍ୟର ପ୍ରତ୍ୟେକ ପରିବାର'ର ଭାତ ଥାଳିକୁ ସୁରକ୍ଷିତ କରିବାର ଏକ ଐତିହାସିକ ସଂକଳ୍ପ । ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଓଡିଶାର ସାଧାରଣ ଲୋକଙ୍କ ପାଇଁ ଏହା ହେଉଛି ଆମ ସରକାରଙ୍କ ଭେଟି ବୋଲି ସେ କହିଥିଲେ ।

ସୂଚନାଯୋଗ୍ୟ ଯେ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧିନରେ ଥିବା ସମସ୍ତ ହିତାଧିକାରୀ ସେମାନଙ୍କ ନିୟମିତ ନିଶୁଳ୍କ ଚାଉଳ ସହିତ ପ୍ରତି ବ୍ୟକ୍ତିଙ୍କୁ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ଏହି ଯୋଜନାରେ ନିଶୁଳ୍କ ଆକାରରେ ମିଳିବ । ସୂଚନାଯୋଗ୍ୟ ଯେ, ରାଜ୍ୟର ହିତାଧିକାରୀମାନେ ବର୍ତ୍ତମାନ ୫ କିଲୋଗ୍ରାମ ଚାଉଳ ବିନା ମୂଲ୍ୟରେ ପାଉଛନ୍ତି । ଏହି ଯୋଜନା କାର୍ଯ୍ୟକାରୀ ହେବା ପରେ ବର୍ତ୍ତମାନ ପ୍ରତ୍ୟେକ ହିତାଧିକାରୀ ୧୦ କିଲୋ ଲେଖାଏଁ ଚାଉଳ ବିନା ମୂଲ୍ୟରେ ପାଇବେ । ରାଜ୍ୟର ସମୁଦାୟ ୧ କୋଟି ୯୬ ହଜାର ପରିବାରର ୩ କୋଟି ୨୮ ଲକ୍ଷ ୫୨ ହଜାର ସଦସ୍ୟ ଅର୍ଥାତ୍ ସମୁଦାୟ ଜନସଂଖ୍ୟାର ୮୦ ପ୍ରତିଶତ ଉପକୃତ ହେବେ । ଏହି ଯୋଜନାରେ ରାଜ୍ୟ ସରକାର ବାର୍ଷିକ ୮,୮୧୩ କୋଟି ଟଙ୍କା ଖର୍ଚ୍ଚ କରିବେ । ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗରିବଙ୍କ ମୁହଁରେ ହସ ଫୁଟାଇବା ପାଇଁ ଏହି ବ୍ୟୟ ଆମ ପାଇଁ ଖର୍ଚ୍ଚ ନୁହେଁ, ଏହା ଏକ ପବିତ୍ର ସାମାଜିକ ନିବେଶ ।

# ଜୟଦେବ ବିହାର-ନନ୍ଦନକାନନ ରାସ୍ତାର କାର୍ଯ୍ୟାରମ୍ଭ




ଭୁବନେଶ୍ୱର, ୧୨।୬(ମହାଭାରତ): ଦୁଇବର୍ଷ ପୂର୍ତ୍ତି ଅବସରରେ ଆଜି ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପାଇଁ ୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଭୁବନେଶ୍ୱରର ଭିଡ ନିୟନ୍ତ୍ରଣ ଓ ଗମନାଗମନର ବିକାଶ ପାଇଁ ୧୦୮.୨୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାଥ୍‌ମାଟିକ୍ସରୁ ଇନ୍‌ଫୋସିଟି ଦେଇ ଏକାମ୍ର କାନନ ପର୍ଯ୍ୟନ୍ତ ୧୩ କିଲୋମିଟରରୁ ଅଧିକ ଦୈର୍ଘ୍ୟ ବିଶିଷ୍ଟ ୬ ଲେନ୍ ରାସ୍ତାର ଉଦ୍‌ଘାଟନ କରିଛନ୍ତି । ଏଥି ସହିତ ୯୪୯ କୋଟିରୁ ଅଧିକ ଟଙ୍କା ଅଟକଳରେ ଜୟଦେବ ବିହାର-ନନ୍ଦନକାନନ ରାସ୍ତାର ଉନ୍ନତିକରଣ ଓ ଫ୍ଲାଇଓଭର ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରାଯାଇଛି । ଏହି ରାସ୍ତା ୮ ଲେନ୍ ବିଶିଷ୍ଟ କରାଯିବ ।

ଭୁବନେଶ୍ୱରକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସୁଥିବା ଲୋକଙ୍କ ନିରାପଦ ରହଣୀ ପାଇଁ ଜନପଥ ଠାରେ ଏକ ୨୦ ମହଲା ବିଶିଷ୍ଟ ଜନାଶ୍ରୟ ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ରଖିଛନ୍ତି । ୮୭୪ କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ହେବାକୁ ଥିବା ଏହି ଭବନରେ ୨୦୦୦ ଲୋକଙ୍କ ପାଇଁ ସମସ୍ତ ସୁବିଧା ସହ ସ୍ୱଳ୍ପ ମୂଲ୍ୟରେ ସ୍ୱଳ୍ପକାଳୀନ ରହଣୀ ବ୍ୟବସ୍ଥା କରାଯିବ । ଅଙ୍ଗନବାଡୀ କର୍ମୀଙ୍କୁ ସ୍ମାର୍ଟ ଫୋନ, ସୁଭଦ୍ରାଶକ୍ତି ସମ୍ବାଦ କାର୍ଯ୍ୟକ୍ରମର ଶୁଭାରମ୍ଭ

ଏଥି ସହିତ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ଅଙ୍ଗନବାଡୀ କର୍ମୀ, ସୁପରଭାଇଜର ଏବଂ ବ୍ଲକ୍ ସଂଯୋଜକମାନଙ୍କ ପାଇଁ ସ୍ମାର୍ଟ ଫୋନ ପ୍ରଦାନର ଶୁଭାରମ୍ଭ କରିଥିଲେ । ରାଜ୍ୟର ୭୨,୨୨୪ ଅଙ୍ଗନବାଡୀ କର୍ମୀ, ୨୮୦୨ ଲେଡି ସୁପରଭାଇଜର ଓ ୩୩୮ ବ୍ଲକ୍ ସଂଯୋଜକଙ୍କୁ ଏହି ଫୋନ ପ୍ରଦାନ କରାଯିବ । ଏଥିସହିତ ମୁଖ୍ୟମନ୍ତ୍ରୀ ସୁଭଦ୍ରା ଶକ୍ତି ସମ୍ବାଦ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳତା ଓ ଉପଲବ୍ଧି ଶୀର୍ଷକ ଏକ ପ୍ରଦର୍ଶନୀ ଉଦ୍‌ଘାଟନ କରିବା ସହିତ ବୁଲି ଦେଖିଥିଲେ ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଥିଲେ ଯେ, ଗ୍ରାମୀଣ ମହିଳାଙ୍କୁ ସଶକ୍ତ କରିବା ଓ ସେମାନଙ୍କୁ ନେତୃତ୍ୱ ନେବାରେ ସକ୍ଷମ କରିବା ଲକ୍ଷ୍ୟରେ ଆମ ସରକାର ପ୍ରତିବଦ୍ଧତାର ସହ କାମ କରୁଛି । ସମସ୍ତଙ୍କୁ ରଜ'ର ଅଗ୍ରୀମ ଶୁଭେଚ୍ଛା ଜଣାଇ ସେ କହିଥିଲେ ଯେ, ପୂର୍ବରୁ ସୁଭଦ୍ରା ଦିଆଯାଇଥିଲା, ଆଜି ଅନ୍ନପୂର୍ଣ୍ଣା । ଯେଉଁ ଘରେ ମା ସୁଭଦ୍ରା ଓ ମା ଅନ୍ନପୂର୍ଣ୍ଣା ରହିବେ ସେ ଘରର ସମୃଦ୍ଧି ଓ ଉନ୍ନତି ନିଶ୍ଚୟ ହେବ ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ଯେ, ଆମ ସରକାର ହେଉଛି ଅନ୍ତ୍ୟୋଦୟର ସରକାର । ସମାଜର ଶେଷ ଧାଡିରେ ରହିଥିବା ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତ ସୁବିଧା ଓ ବିକାଶ ପହଞ୍ଚାଇବା ପାଇଁ ଆମେ ପ୍ରତିବଦ୍ଧତାର ସହ କାମ କରୁଛୁ । ଏକ ଭୋକମୁକ୍ତ ଓ ଭୟମୁକ୍ତ ସମାଜ ଗଠନ ପାଇଁ ଆମେ ଉଦ୍ୟମ ଜାରି ରଖିଛୁ । ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ, ଗରିବ ପରିବାରର ଦୁଃଖ ବୁଝି ମୁଖ୍ୟମନ୍ତ୍ରୀ ଏହି ଜନକଲ୍ୟାଣକାରୀ ଅନ୍ନପୂର୍ଣ୍ଣା ଯୋଜନା ଓ ଜନାଶ୍ରୟ ଭବନର ପରିକଳ୍ପନା କରିଛନ୍ତି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣକୁ ଆଶ୍ରିତ କରି ଏବଂ ଓଡିଶାବାସୀଙ୍କ ଆଶୀର୍ବାଦରୁ ଆମ ସରକାର ବିକାଶ ଓ ଜନସେବା କ୍ଷେତ୍ରରେ ଆହୁରି ଆଗକୁ ବିବ ବୋଲି ସେ କହିଥିଲେ ।

# ଇନଫ୍ଲୁଏନ୍ସରମାନେ ସମୃଦ୍ଧ ଓଡ଼ିଶାର ଶକ୍ତିଶାଳୀ ଡିଜିଟାଲ୍ ଆମ୍ବାସଡର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨।୬(ମହାଭାରତ): ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତି ଅବସରରେ ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଂଟରରେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଏବଂ ଡିଜିଟାଲ୍ କ୍ରିଏଟରମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଡିଜିଟାଲ୍ କ୍ରିଏଟରମାନଙ୍କୁ ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶାର ସବୁଠାରୁ ଶକ୍ତିଶାଳୀ 'ଡିଜିଟାଲ୍ ଆମ୍ବାସଡରସ୍' ଏବଂ ଭବିଷ୍ୟତର 'ଓପିନିଅନ ଲିଡରସ୍' ବୋଲି କହିଛନ୍ତି।

ଡିଜିଟାଲ କ୍ରିଏଟର ମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯିଏ ଯେଉଁ ଚିନ୍ତାଧାରାର ସମର୍ଥକ ହୁଅନ୍ତୁ ନା କାହିଁକି, ସମସ୍ତଙ୍କ ପାଇଁ 'ରାଷ୍ଟ୍ର ସର୍ବୋପରି' ହେବା ଉଚିତ। 'ଦେଶ' ଏବଂ 'ସରକାର' ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ସେ କହିଥିଲେ, ଆପଣ ସରକାରଙ୍କୁ ସମାଲୋଚନା କରି ପାରିବେ, କିନ୍ତୁ ସରକାରଙ୍କୁ ସମାଲୋଚନା କରିବା ଆଳରେ 'ଦେଶକୁ' ଅସମ୍ମାନ କରିବା କେବେ ବି ଗ୍ରହଣୀୟ ନୁହେଁ । ସୋସିଆଲ ମିଡିଆରେ ଆପତିଜନକ ପୋଷ୍ଟିଂ ଯୋଗୁଁ ଯୁବପିଢ଼ି ଯେଭଳି ବିବାଦରେ ଛନ୍ଦି ହୋଇ ନିଜ ଭବିଷ୍ୟତ ନଷ୍ଟ ନକରନ୍ତି, ସେଥିପ୍ରତି ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସତର୍କ କରାଇ ଦେଇଥିଲେ। ଏଥି ସହିତ ମୁଖ୍ୟମନ୍ତ୍ରୀ ସରକାରଙ୍କ ବିଭିନ୍ନ ଲୋକକଲ୍ୟାଣ କାର୍ଯ୍ୟକ୍ରମ ଗୁଡିକୁ କଂଟେଂଟ ମାଧ୍ୟମରେ ଲୋକମାନଙ୍କ ନିକଟରେ ପହଞ୍ଚାଇବା ଆବଶ୍ୟକ ବୋଲି ସେ କହିଥିଲେ।

ସେ ଆହୁରି କହିଥିଲେ, ଆପଣମାନଙ୍କ କଂଟେଂଟର ଉଦ୍ଦେଶ୍ୟ କେବଳ 'ଭିଉଜ୍' ବଢ଼ାଇବା କିମ୍ବା କିଛି ସେକେଣ୍ଡର ମନୋରଞ୍ଜନ ମଧ୍ୟରେ ସୀମିତ ନରହି, ସମାଜ ପାଇଁ ଏକ ସୁସ୍ଥ ବାର୍ତା ବହନ କରିବା ଆବଶ୍ୟକ। 'କ୍ଲିକ୍ ବେଟ୍' ଏବଂ ଶସ୍ତା ପ୍ରସିଦ୍ଧିର ମୋହରୁ ଦୂରେଇ ରଖି 'ପରପୋଜ୍ ଡ୍ରିଭେନ୍ କଂଟେଂଟ' ବା ମହତ ଉଦ୍ଦେଶ୍ୟ ଭିତିକ ସୃଜନଶୀଳତା ଆଡ଼କୁ ଆକର୍ଷିତ କରିବାକୁ ସେ କଂଟେଂଟ କ୍ରିଏଟର ମାନଙ୍କୁ ପରାମର୍ଶ ଦେଇଥିଲେ।



ମୁଖ୍ୟମନ୍ତ୍ରୀ ଆଜିର 'ଜେନ୍-ଜି' ବା ନୂତନ ପିଢ଼ିର ମାନସିକ ସ୍ଥିତି ଉପରେ ଚିନ୍ତା ପ୍ରକଟ କରି କହିଥିଲେ ଯେ, ଏହି ପିଢ଼ି ଖୁବ୍ ସ୍ମାର୍ଟ ଓ ସୃଜନଶୀଳ ହୋଇଥିଲେ ମଧ୍ୟ ସୂଚନାର ଅତିରିକ୍ତ ବୋଝ, ଆତ୍ମପରିଚୟର ସଂଘର୍ଷ, ମାନସିକ ଚାପ ଏବଂ ସାଇବର ଜଗତର ନକାରାତ୍ମକତା ଯୋଗୁଁ ବେଳେବେଳେ ବିଭ୍ରାନ୍ତ ହେଉଛନ୍ତି। ଏଭଳି ସ୍ଥିତିରେ ଇନଫ୍ଲୁଏନ୍ସରମାନଙ୍କର ଗୋଟିଏ 'ରିଲ୍' କିମ୍ବା 'ଭିଡିଓ' ହଜାର ହଜାର ଯୁବପିଢ଼ିଙ୍କ ମନୋଭାବକୁ ବଦଳାଇ ଦେଇପାରେ।ସୋସିଆଲ ମିଡିଆର ବ୍ୟବହାର ଓ ସଂଯମତା ରକ୍ଷା ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶା ହେଉଛି ଜଗନ୍ନାଥ ସଂସ୍କୃତିର ପବିତ୍ର ଭୂମି, ଯେଉଁଠି 'ବସୁଧୈବ କୁଟୁମ୍ବକମ୍'ର ଶିକ୍ଷା ଦିଆଯାଇଥାଏ। ତେଣୁ କେବଳ ଟିଆରପି ପାଇଁ କୌଣସି ବିପଦଜନକ ଷ୍ଟଂଟ୍, କ୍ଷତିକାରକ ଆହ୍ୱାନ କିମ୍ବା ଜାତି, ଧର୍ମ ଓ ସମ୍ପ୍ରଦାୟ ମଧ୍ୟରେ ବିବାଦ ସୃଷ୍ଟି କରୁଥିବା ବିଷୟବସ୍ତୁ ପ୍ରସ୍ତୁତ କରିବା ଉଚିତ ନୁହେଁ। ସେହିପରି ଗୁଜବ ଓ ମିଥ୍ୟା ଖବର ବିରୋଧରେ ସଜାଗ ରହିବାକୁ ସେ ଆହ୍ୱାନ ଦେଇଛନ୍ତି।

ସୂଚନା ଓ ଲୋକସମ୍ପର୍କ ବିଭାଗଦ୍ୱାରା ଆୟୋଜିତ ଆଜିର ଏହି କାର୍ଯ୍ୟକ୍ରମରେ ଓଡିଶାର ଖ୍ୟାତି ସମ୍ପନ୍ନ ବ୍ୟକ୍ତିବିଶେଷ, ଶିକ୍ଷାବିତ୍, ସ୍ୱାସ୍ଥ୍ୟ ବିଶେଷଜ୍ଞ, କଳା ଏବଂ ସାହିତ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କ ସମେତ ସୋସିଆଲ ମିଡିଆର ବହୁ ଇନ୍‌ଫ୍ଲୁଏନ୍ସର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ବିଭାଗର ନିର୍ଦ୍ଦେଶକ ଶ୍ରୀ ଅନୁଜ କୁମାର ଦାସ ପଟ୍ଟନାୟକଙ୍କ ସହିତ ବରିଷ୍ଠ ବିଭାଗୀୟ ଅଧିକାରୀ ଓ ବିଭିନ୍ନ ବିଭାଗର ଲୋକସମ୍ପର୍କ ଅଧିକାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁଚାରୁରୂପେ ପରିଚାଳନା କରିଥିଲେ।

## ଚିକେନ ମଲାଇ ଟିକା

ଆବଶ୍ୟକ ସାମଗ୍ରୀ: ବୋନ୍ଲେସ୍ ଚିକେନ୍, ଅଦା, ରସୁଣ, ଲଙ୍କା ପେଷ୍ଟ, ଲେମ୍ବୁ ରସ, କାଜୁ ପେଷ୍ଟ, ମଲାଇ, ଦହି, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଚାଟ୍ ମସଲା, ମହୁ, ଲୁଣ ଓ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକେନ୍କୁ ଭଲ ଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ। ସେଥିରେ ଅଦା, ରସୁଣ, ଲଙ୍କା ପେଷ୍ଟ ଓ ଲେମ୍ବୁ ରସକୁ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ପରେ ତାକୁ କିଛି ସମୟ ମ୍ୟାରିନେଟ୍ ପାଇଁ ଛାଡି ଦିଅନ୍ତୁ। ତା'ପରେ ଅନ୍ୟ ଏକ ପାତ୍ରରେ କାଜୁ ପେଷ୍ଟ, ମଲାଇ ଓ ଦହିକୁ ମିଶାନ୍ତୁ। ମ୍ୟାରିନେଟ୍ ହୋଇ ରହିଥିବା ଚିକେନ୍କୁ ସେଥିରେ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ ଗରମ ମସଲା, ଗୋଲମରିଚ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଚାଟ୍ ମସଲା ପକାଇ ଗୋଳାଇ ଦିଅନ୍ତୁ।

ତା'ପରେ ସେଥିରେ ମହୁ, ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାନ୍ତୁ। ପୁଣି ଥରେ ମ୍ୟାରିନେଟ୍ କରିବା ଲାଗି ଅଧଘଣ୍ଟା ଯାଏ ଛାଡ଼ି ଦିଅନ୍ତୁ। ତା'ପରେ ଚିକେନ୍କୁ କାଠି ଭିତରେ ପୁରାଇ ରଖନ୍ତୁ। ପରେ କରେଇକୁ ଗରମ କରନ୍ତୁ। ସେଥିରେ ବଟର ପକାଇ କାଠି ଚିକେନକୁ ତା' ଉପରେ ରଖି ଦିଅନ୍ତୁ। ତାକୁ କିଛି ସମୟ ପାଇଁ ଢାଙ୍କି ଦିଅନ୍ତୁ। ଏହାର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଓଲଟାଇ ଦିଅନ୍ତୁ। ଦୁଇ ପାଖର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିକେନ୍ ଟିକା। ଏହାକୁ ଆପଣ ରୁଟି ଓ ଭାତ ସହ ଖାଇପାରିବେ।



## ଖବର

# ପୋଲକା ଡଟ୍ ପ୍ରିଣ୍ଟ ଡ୍ରେସରେ ନଜର ଆସିଲେ ସୁରଭି ଜ୍ୟୋତି



୩୮ ବର୍ଷ ବୟସରେ ମା ହେବେ ଟିଭି ଅଭିନେତ୍ରୀ ସୁରଭି ଜ୍ୟୋତି । ତାଙ୍କ ବିବାହର ୨ ବର୍ଷ ପରେ ତାଙ୍କ କୋଳ ପୂରିବାକୁ ଯାଉଛି । ଏହାରି ମଧ୍ୟରେ ସେ ସୋସିଆଲ ମିଡିଆରେ ପ୍ରେଗ୍ନେନ୍ସି ଫଟୋସୁଟର ଫଟୋ ସେୟାର କରିଛନ୍ତି । ଯାହା ତାଙ୍କ ଫ୍ୟାନ୍ସଙ୍କ ହୃଦୟକୁ ସ୍ପର୍ଶ କରିଛି ।ଅଭିନେତ୍ରୀ ଇନଷ୍ଟାଗ୍ରାମରେ ତାଙ୍କର ପ୍ରେଗ୍ନେନ୍ସିର କିଛି ଫଟୋ ସେୟାର କରିଛନ୍ତି । ଯେଉଁଥିରେ ତାଙ୍କ ମୁହଁରେ ଗୋଟିଏ ଭିନ୍ନ ଚମକ ଦେଖିବାକୁ ମିଳିଛି । ଯାହା ତାଙ୍କୁ ୯୦ ଦଶକର ଲୁକ୍ ଦେଉଛି ।ସେୟାର ହୋଇଥିବା ଏହି ଫଟୋରେ ସୁରଭିଙ୍କୁ ମାଟିଆ ରଙ୍ଗର ମ୍ୟାକ୍ସି ଡ୍ରେସରେ ଧଳାର ବବି ପ୍ରିଣ୍ଟ ସହିତ ହଲ୍ଟର ନେକ୍ ଡିଜାଇନର ଡ୍ରେସରେ ଦେଖିବାକୁ ମିଳିଛି। ତାଙ୍କର ଏହି ମ୍ୟାକ୍ସି ଡ୍ରେସଟି ବେବି ବମ୍ପକୁ ସୁନ୍ଦର ଭାବେ ହାଇଲାଇଟ୍ କରୁଛି ଯଏହି ସୁନ୍ଦର ଡ୍ରେସ୍ ବ୍ୟତୀତ ସେ ତାଙ୍କ ଦୁଇ ହାତରେ କଳା ଲେସ୍ ଗ୍ଲୋଭସ୍ ପିନ୍ଧି ବେକରେ ଖ୍ରୀଷ୍ଟାଲର ଚୋକର ପିନ୍ଧିଥିବା ନଜର ଆସିଛନ୍ତି। ଯାହା ତାଙ୍କ ଲୁକକୁ ଆହୁରି ଷ୍ଟାଇଲିସ୍ କରୁଛି । ହେୟାର ଷ୍ଟାଇଲରେ ସେ ଖୋସାରେ କଳା ନେଟ୍ ଲଗାଇଥିବା ନଜର ଆସିଛନ୍ତି । ଯାହା ତାଙ୍କୁ କ୍ଲାସିକ୍ ଏବଂ ଫ୍ୟାଶନେବଲ୍ ଲୁକ୍ ଦେଉଛି । ହାଲକା ମେକଅପ୍ ନେଇ ସେ ତାଙ୍କ ଲୁକକୁ କମ୍ପ୍ଲିଟ୍ କରିଛନ୍ତି । ତାଙ୍କର ଏହି ପୋଷ୍ଟ ଦ୍ରୁତ ଗତିରେ ସୋସିଆଲ ମିଡିଆରେ ଭାଇରାଲ ହେଉଛି ।


## ଦେବୀ ଭୁବନେଶ୍ୱରୀ



ଭୁବନର ଦେବୀ ହୋଇଥିବାରୁ ତାଙ୍କ ନାମ ଭୁବନେଶ୍ୱରୀ (ଭୁବନ+ଈଶ୍ୱରୀ) ହୋଇଛି । ସମଗ୍ର ଭୁବନ ଗଠନରେ ତାଙ୍କର ଭୂମିକା ରହିଛି । ତାଙ୍କରି କୃପାରୁ ସମଗ୍ର ଭୁବନ ପରିଚାଳିତ ହୋଇଥାଏ । ଦେବୀ ଭୁବନେଶ୍ୱରୀଙ୍କର ଶକ୍ତି ଉପାସନାରେ ସ୍ୱତନ୍ତ୍ର ସ୍ଥାନ ରହିଛି । ଦେବୀ ଭୁବନେଶ୍ୱରୀଙ୍କ ଆରାଧନା ଭକ୍ତର ସମସ୍ତ ମନୋସ୍କାମନା ପୂରଣ କରିଥାଏ । ଏପରିକି ଭୁବନେଶ୍ୱରୀଙ୍କ କୃପାରୁ ନବଗ୍ରହଙ୍କ ପ୍ରଭାବ ମଧ୍ୟ ହ୍ରାସ ପାଏ । ଭାରତର ବିଭିନ୍ନ ସ୍ଥାନରେ ଦେବୀ ଭୁବନେଶ୍ୱରୀଙ୍କ ଉପାସନା ସ୍ଥଳୀ ରହିଛି । ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱରର ନାମ ଦେବୀ ଭୁବନେଶ୍ୱରୀଙ୍କ ନାମାନୁସାରେ ହୋଇଛି । ଶ୍ରୀଜଗନ୍ନାଥ ମନ୍ଦିର, ତାମିଲନାଡୁର ପୁଡୁକୋଟ୍ଟାଇ, ଶ୍ରୀଲଙ୍କାର ମାନିପଲ୍ଲବମ୍ ଆଦି ସ୍ଥାନରେ ଭୁବନେଶ୍ୱରୀଙ୍କର ପୀଠ ରହିଛି । ଦେବୀ ସମଲେଶ୍ୱରୀ ଏବଂ କଟକ ଚଣ୍ଡୀ ପୀଠରେ ମଧ୍ୟ ଭୁବନେଶ୍ୱରୀଙ୍କ ଉପାସନା କରାଯାଏ ।

# ଏହିସବୁ ଉପାୟରେ ଦୂର କରନ୍ତୁ ଅଶୁଭ ଗ୍ରହର ପ୍ରଭାବ

ଅକୌଣସି ବ୍ୟକ୍ତିଙ୍କ କୁଣ୍ଡଳୀ ତା'ର ଜୀବନ ବିଷୟରେ ଅନେକ କିଛି ତଥ୍ୟ ଦେଇଥାଏ । ଅଶୁଭ ଗ୍ରହ ଯୋଗୁଁ ଅନେକଙ୍କ ଜୀବନରେ ଖରାପ ପ୍ରଭାବ ପଡିଥାଏ । ଯଦି ଆପରଙ୍କ ଉପରେ ଗ୍ରହର ଅଶୁଭ ପ୍ରଭାବ ପଡିଥାଏ ତେବେ ଜୀବନରେ ସବୁ କାମ ଅଶୁଭ ହୋଇଥାଏ । ଏମିତି କିଛି ଉପାୟ ରହିଛି,ଯାହା ସାହଯ୍ୟରେର ଆପଣ ନିଜ କୁଣ୍ଡଳୀରେ ଥିବା ଅଶୁଭ ଗ୍ରହଙ୍କ ଖରାପ ପ୍ରଭାବକୁ ଦୂର କରିପାରିବେ। ଆପଣଙ୍କ କୁଣ୍ଡଳୀରେ ଚନ୍ଦ୍ରମା ଦୁର୍ବଳ ହେଲେ ମାନସିକ ଚିନ୍ତା ଏବଂ ହୃଦ ସମ୍ବନ୍ଧୀୟ ରୋଗ ଦେଖାଦିଏ । ଚନ୍ଦ୍ରମାର ଅଶୁଭ ପ୍ରଭାବ ଯୋଗୁଁ ବ୍ୟକ୍ତି ମାନସିକ ରୂପେ ବହୁତ ଦୁର୍ବଳ ହୋଇପଡେ। ଚନ୍ଦ୍ରମାଙ୍କ ଅଶୁଭ ପ୍ରଭାବକୁ ଦୂର କରିବା ପାଇଁ



ପ୍ରତି ସୋମବାର ଶିବଙ୍କ ଜଳାଭିଷେକ କରନ୍ତୁ ଏବଂ ଓଁ ଶ୍ରୀ ଶ୍ରୀ ସଃ ଚନ୍ଦ୍ରମସେ ନମଃ ମନ୍ତ୍ର ଜାପ କରନ୍ତୁ ।

ଯଦି ଆପଣଙ୍କ ଭାଗ୍ୟରେ ମଙ୍ଗଳ ଦୋଷ ରହିଥାଏ ତେବେ ବ୍ୟକ୍ତି ମାନସିକ ରରୂପେ ବହୁତ ଚିନ୍ତାରେ ରୁହେ । ଏଥିରୁ ନିଜକୁ ରକ୍ଷା କରିବା ଆପଣ ହନୁମାନଙ୍କ ଉପାସନା କରିବା ସହ ସୁନ୍ଦରକାଣର୍ଡ ପାଠ କରନ୍ତୁ।

ଆପଣଙ୍କ କୁଣ୍ଡଳୀରେ ସୂର୍ଯ୍ୟ ଦୁର୍ବଳ ହେଲେ ମାନ ସମ୍ମାନ ହାନି ହୋଇଥାଏ । ଏପରି ସ୍ଥିତିରେ ରକ୍ଷା ପାଇବାକୁ ହେଲେ ପ୍ରତିଦିନ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ । ଏବଂ ଓଁ ସୂର୍ଯ୍ୟାୟଃ ନମଃ ଜପ କରନ୍ତୁ ।

କୁଣ୍ଡଳୀର ଶୁକ୍ରଙ୍କ ଖରରାପ ପ୍ରଭାବ ପଡିଲେ ବୈବାହିକ ଜୀବନରେ ଜଟିଳତା ଦେଖାଦିଏ । ଏଥିପାଇଁ ଶୁକ୍ରବାର ଦିନ ଚାଉଳ ଦାନ କରିବା ସହ ମା ଲକ୍ଷ୍ମୀଙ୍କ ପୂଜା କରନ୍ତୁ ।

କୁଣ୍ଡଳୀରେ ଶନିଙ୍କ ଖରାପ ପ୍ରଭାବ ପଡିଲେ ସମସ୍ତ କାର୍ଯ୍ୟ ଠପ୍ ହୋଇଯାଏ । କୌଣସି କାମରେ ସଫଳତା ମିଳିନଥାଏ । ଏଥିପାଇଁ ଆପଣ ଶନିବାର ଦିନ ଅଶ୍ୱତ୍ଥ ଗଛରେ ଜଳ ଅର୍ପଣ କରିବା ସହ ଗଛ ତଳେ ସୋରିଷ ତେଲରେ ଦୀପ ଜଳାନ୍ତୁ । ସମସ୍ୟାରୁ ମୁକ୍ତି ମିଳିବ ।

# ଝିଅକୁ ବିବାହ ସମୟରେ ଦେଉଛନ୍ତି କି ଗଣେଶଙ୍କ ପ୍ରତିମୂର୍ତ୍ତି ? ଜାଣନ୍ତୁ କ'ଣ ରହିବ ଏହାର ପ୍ରଭାବ



ବିଘ୍ନ ବିନାଶକଙ୍କୁ ସବୁବେଳେ ଶୁଭ ବୋଲି ବିବେଚନା କରାଯାଇଥାଏ। ଗଣେଶ ମୂର୍ତ୍ତି ତଥା ଫଟୋକୁ ପୂଜା କଲେ ଘରେ ସୁଖ ଶାନ୍ତି ବିରାଜମାନ କରିଥାଏ ଓ ବାଧାବିଘ୍ନ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ବହୁ ସମୟରେ ପ୍ରିୟଜନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରି ପରିବାର ଲୋକେ ସେମାନଙ୍କୁ ଗଣେଶ ମର୍ତ୍ତି ଉପହାର ଦେଇଥାନ୍ତି। ହେଲେ ଏହି ସମୟରେ କିଛି ବାସ୍ତୁ ନିୟମ ମାନିବା ଉଚିତ, ନଚେତ ଉନ୍ନତି ହେବା ପରିବର୍ତ୍ତେ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିପାରେ। ବାସ୍ତୁ ଶାସ୍ତ୍ର ଅନୁଯାୟୀ ଗଣେଶଙ୍କ ପ୍ରତିମାକୁ ଘରର ଯେକୌଣସି ସ୍ଥାନରେ ରଖିବା ଉଚିତ ନୁହେଁ। ବିଶେଷକରି ବାଥରୁମ କ୍ୟାରେ ଗଣେଶଙ୍କର ଫଟୋ କିମ୍ବା ପ୍ରତିମା ରଖନ୍ତୁ ନାହିଁ। ଏହା ବ୍ୟତୀତ ଗଣେଶଙ୍କ ପ୍ରତିମାକୁ ଶୋଇବା ଘରେ ମଧ୍ୟ ରଖିବା ଉଚିତ ନୁହେଁ। ଏହା କରିବା ଦ୍ୱାରା ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବା ସହ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଅନାବଶ୍ୟକ ତିକ୍ତତା ବଢ଼ିଥାଏ।

ଭଗବାନ ଗଣେଶଙ୍କ ନୃତ୍ୟ ପ୍ରତିମାକୁ କେବେ ବି ଘରେ ରଖନ୍ତୁ ନାହିଁ। ଏହାକୁ ଉପହାର ରୂପେ ମଧ୍ୟ କାହାକୁ ଦିଅନ୍ତୁ ନାହିଁ। ଗଣେଶ ନୃତ୍ୟ କରୁଥିବା ପ୍ରତିମୂର୍ତ୍ତି ଘରେ ରଖିଲେ ଘରେ ଅଯଥାରେ କଳହ ସୃଷ୍ଟି ହୁଏ ବୋଲି ବିଶ୍ୱାସ ରହିଛି। ଯଦି ଏପରି ମୂର୍ତ୍ତିକୁ ଆପଣ କାହାକୁ ଉପହାର ଭାବେ ଦିଅନ୍ତି, ତା' ହେଲେ ତାଙ୍କ ଜୀବନରେ ମଧ୍ୟ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି।


ଯଦି ଆପଣ ଗଣପତିଙ୍କ ମୂର୍ତ୍ତିକୁ ଘରେ ରଖିବାକୁ ଯାଉଛନ୍ତି, ତେବେ ବାମ ପାର୍ଶ୍ୱକୁ ଶୁଣ୍ଢ ଥିବା ଗଣପତି ଅଣାଯିବା ଉଚିତ। କାରଣ ଡାହାଣ ପାର୍ଶ୍ୱରେ ଥିବା ଶୁଣ୍ଢ ସହିତ ଗଣେଶଙ୍କୁ ପୂଜା କରିବା ପାଇଁ ବିଶେଷ ନିୟମ ପାଳନ କରିବାକୁ ପଡିଥାଏ।

ବାସ୍ତୁବିତଙ୍କ ଅନୁଯାୟୀ, ସନ୍ତାନ ଚାହୁଁଥିବା ଦମ୍ପତି ଗଣେଶଙ୍କ ଶିଶୁ ପ୍ରତିମୂର୍ତ୍ତିକୁ ଘରକୁ ଆଣିବା ଉଚିତ। ବିଶ୍ୱାସ କରାଯାଏ ଯେ, ଏହାପରେ ଜନ୍ମିତ ସନ୍ତାନ ପିତାମାତାଙ୍କୁ ଭକ୍ତି କରିଥାନ୍ତି।

ଅନ୍ୟପକ୍ଷରେ, ଯଦି ଚାକିରି କିମ୍ବା ବ୍ୟବସାୟରେ କିଛି ଅସୁବିଧା ଅଛି, ତେବେ ସେଗୁଡିକୁ ଦୂର କରିବା ପାଇଁ ଘରେ ଗଣେଶଙ୍କର ଏକ ପ୍ରତିମା କିମ୍ବା ଫଟୋ ଲଗାଯିବା ଉଚିତ ଏହା ସମସ୍ୟା ଦୂର କରେ ଏବଂ ଆପଣଙ୍କୁ ସଫଳତା ଆଣିଦିଏ।

## ବିନୟୀ ହେବାର ସୁଫଳ

ଜଣେ ସାଧୁ ଥିଲେ । ତାଙ୍କର ଶେଷ ସମୟ ଉପନୀତ ହେବାରୁ ସେ ନିଜ ଶିଷ୍ୟମାନଙ୍କୁ ପାଖକୁ ଡାକିଲେ । ଶିଷ୍ୟମାନଙ୍କ ଉଦ୍ଦେଶ୍ୟରେ ସାଧୁ କହିଲେ, ମୁଁ ତୁମମାନଙ୍କୁ ଆଜି ଏକ ଗୁଢ଼ ରହସ୍ୟ କହିବି । ଏଥର



ସାଧୁଜଣକ ନିଜ ପାଟି ଆଁ କଲେ ଏବଂ ଶିଷ୍ୟମାନଙ୍କୁ କହିଲେ, ମୋ ପାଟିରେ କେତୋଟି ଦାନ୍ତ ଅଛି, ତୁମେ ମାନେ ଗଣି କରି କୁହ । କିଛି ସମୟ ଗଣିବା ପରେ ସମସ୍ତ ଶିଷ୍ୟ ଏକ ସ୍ୱରରେ କହିଲେ, ଗୁରୁଦେବ ଆପଣଙ୍କର ତ' ଗୋଟିଏ ବୋଲି ଦାନ୍ତ ନାହିଁ । ଗୁରୁ କହିଲେ, ଏଥର ଦେଖ । ମୋ ଜିଭ ଅଛି ନା ନାହିଁ । ଶିଷ୍ୟମାନେ କହିଲେ, ହଁ ଅଛି । ଗୁରୁ ପୁଣି ଥରେ ପଚାରିଲେ, ଏହା କିପରି ହେଲା ? ଜିଭ ତ' ଜନ୍ମରୁ ଥିଲା, ଦାନ୍ତ ପରେ ଉଠିଲା । ତା'ହେଲେ ଦାନ୍ତ କିପରି ଆଗେ ଝଡ଼ିଗଲା, ମାତ୍ର ଜିଭ ରହିଗଲା ? ଗୁରୁଙ୍କ ପ୍ରଶ୍ନର କୌଣସି ଉତ୍ତର ଶିଷ୍ୟମାନଙ୍କ ପାଖରେ ନଥିଲା । ଶିଷ୍ୟଙ୍କ ଉତ୍କଣ୍ଠା ଶାନ୍ତ କରିବା ଲାଗି ଗୁରୁଦେବ ସେମାନଙ୍କୁ କହିଲେ, ଏହି ଜିଭରେ ମାଧୁର୍ଯ୍ୟ ଥିଲା, ମୃଦୁତା ବି ଥିଲା । ତା'ସହିତ ଏହା କୋମଳ ଥିଲା । ସେଇଥିପାଇଁ ଆଜି ବି ଏହି ଜିଭ ମୋ ପାଖରେ ତିଷ୍ଠି ରହିଛି । ଅନ୍ୟପକ୍ଷରେ ଦାନ୍ତଗୁଡ଼ିକରେ ଆରମ୍ଭରୁ କଠୋରତା ଭରି ରହିଥିଲା । ସେଥିପାଇଁ ପଛରେ ଆସି ମଧ୍ୟ ସେଗୁଡ଼ିକ ଜିଭ ଭଳି ଦୀର୍ଘଜୀବୀ ହୋଇପାରିଲେ ନାହିଁ । ଏଣୁ ତୁମେମାନେ ଯଦି ଦୀର୍ଘଜୀବୀ ହେବାକୁ ଚାହୁଁଛ, ତା'ହେଲେ କଠୋରତା ଛାଡ଼ ଏବଂ ବିନମ୍ରତା ଶିଖ । ଗୁରୁଙ୍କ ବାଣୀ ଶିଷ୍ୟମାନଙ୍କ ହୃଦୟ ଛୁଇଁଗଲା । ଏହି କଥାର ଅର୍ଥ ହେଉଛି, ସମାଜରେ ରହିବାକୁ ହେଲେ ମନୁଷ୍ୟକୁ ବିନମ୍ର ହେବାକୁ ପଡ଼ିବ, ତା'ହେଲେ ଯାଇ ସଂସାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ

# ୧୫ ଆଇପିଏସ ଅଫିସରଙ୍କୁ ୧୭ଟି ଜିଲ୍ଲାର ସ୍ୱତନ୍ତ୍ର ନିରୀକ୍ଷଣ ଓ ତଦାରଖ ଦାୟିତ୍ୱ

ଭୁବନେଶ୍ୱର, ୧୨।୬(ମହାଭାରତ): ୧୫ ଜଣ ଆଇପିଏସ ଅଧିକାରୀଙ୍କୁ ୧୭ଟି ଜିଲାର ସ୍ୱତନ୍ତ୍ର ନିରୀକ୍ଷଣ ଓ ତଦାରଖ ଦାୟିତ୍ୱ ପ୍ରଦାନ କରାଯାଇଛି। କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ରଙ୍କୁ ବାଲେଶ୍ୱର ଓ ଭଦ୍ରକ ଜିଲାର ଦାୟିତ୍ୱ ପ୍ରଦାନ କରାଯାଇଛି।

ସେହିପରି ସ୍ପେଶାଲ ଅପରେସନ୍ ଏଡିଜି ସଞ୍ଜୀବ ପଣ୍ଡାଙ୍କୁ କୋରାପୁଟ ଓ ରାୟଗଡ଼ା ଦାୟିତ୍ୱ, ଅନ୍ୟ ୧୩ ଆଇପିଏସ ଅଫିସରଙ୍କୁ ଗୋଟିଏ ଲେଖାଏଁ ଜିଲା ନିରୀକ୍ଷଣ ଦାୟିତ୍ୱ, ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଜଗତସିଂହପୁର ଜିଲା ନିରୀକ୍ଷଣ ଦାୟିତ୍ୱ, ରେଳବାଇ ଏଡିଜି ଅରୁଣ ବୋଥ୍ରାଙ୍କୁ ଅନୁଗୁଳ ଜିଲା ତଦାରଖ ଦାୟିତ୍ୱ ଦିଆଯାଇଥିବା ବେଳେ ଆଇନ ଓ ଶୃଙ୍ଖଳା ଏଡିଜି ସଞ୍ଜୟ କୁମାରଙ୍କୁ ସମ୍ବଲପୁର ଜିଲା ଦାୟିତ୍ୱ, ଏଡିଜି ରାଜେଶ କୁମାରଙ୍କୁ ନୟାଗଡ଼, ଏଡିଜି ପ୍ରତୀକ ମହାନ୍ତିଙ୍କୁ ଯାଜପୁର, ଏଡିଜି ଯତୀନ୍ଦ୍ର କୋଏଲଙ୍କୁ କଳାହାଣ୍ଡି, ଏଡିଜି ଏସ୍.ସାଇନିଙ୍କୁ ବଲାଙ୍ଗୀର, ଆଇଜି ଏସ ପ୍ରବୀଣ କୁମାରଙ୍କୁ କନ୍ଧମାଳ, ଆଇଜି ଦୀପକ କୁମାରଙ୍କୁ ମାଲକାନଗିରି, ଅନୁପ ସାହୁଙ୍କୁ ପୁରୀ, ଅବିନାଶ କୁମାର ମୟୁରଭଞ୍ଜ ଓ ସାର୍ଥକ ଷଡଙ୍ଗୀ କେନ୍ଦ୍ରାପଡା, ଆଇଜି ଗଜଭିୟେ ସତୀଶ କୁମାର ଈଶ୍ୱରଦାସଙ୍କୁ ଢେଙ୍କାନାଳ ଜିଲା ଦାୟିତ୍ୱ ପ୍ରଦାନ କରାଯାଇଛି। ଆସନ୍ତା ଜୁଲାଇରୁ ସମୀକ୍ଷା ଓ ଯାଞ୍ଚ ପାଇଁ ଆଇପିଏସ ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ନିରୀକ୍ଷଣ ଶେଷର ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ ବାଧ୍ୟତାମୂଳକ ବୋଲି ମଧ୍ୟ କୁହାଯାଇଛି।

# ମୁହାଁମୁହିଁ ହେଲେ ଦୁଇ ଟ୍ରେନ୍

ଭୁବନେଶ୍ୱର, ୧୨।୬(ମହାଭାରତ): ଅଳ୍ପକେ ବଡ ଦୁର୍ଘଟଣାରୁ ବର୍ତ୍ତିଯାଇଛି ୨ ଟ୍ରେନ୍। ଆଜି ସକାଳୁ ଭୁବନେଶ୍ୱରର ଝାରପଡାସ୍ଥିତ ରେଳ ବ୍ରିଜ୍ ନିକଟରେ ଗୋଟିଏ ଧାରଣାରେ ଦୁଇଟି ଟ୍ରେନ୍ ଚାଲିଆସିଥିଲା। ତେବେ ଟ୍ରେନ୍ ଦୁଇଟିର ବେଗ କମ ଥିବାରୁ କୌଣସି କ୍ଷୟକ୍ଷତି ହୋଇନାହିଁ।

ଗୋଟିଏ ଟ୍ରେନ୍ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେସନରୁ ଡାଉନ୍‌ଲାଇନ୍‌ରେ କଟକ ଅଭିମୁଖେ ଯାଉଥିବା ବେଳେ ଅନ୍ୟଟ ବିପରୀତ ଦିଗରୁ ଆଗକୁ ବଢୁଥିଲା। ଭୁବନେଶ୍ୱର ମୁଖ୍ୟ ରେଳଷ୍ଟେସନ ଏବଂ ବାଣୀବିହାର ରେଳଷ୍ଟେସନ ମଝିରେ ଝାରପଡା ବ୍ରିଜ ପାଖରେ ଉଭୟଙ୍କର ମଧ୍ୟରେ ମୁହାଁମୁହିଁ ହୋଇଥିଲା। ତେବେ ଉଭୟ ଟ୍ରେନ୍‌ର ଲୋକେ ପାଇଲଟ ଉପସ୍ଥିତ ବୁଦ୍ଧି ଲଗାଇଥିଲେ। ଟ୍ରେନ୍ ୨ଟି ଏକ ବଡଧରଣର ଅଘଟଣରୁ ବର୍ତ୍ତି ଯାଇଥିଲା। ଟ୍ରେନ୍ ଦୁଇଟି ବିନା ଷ୍ଟେସନରେ ଅଟକିବା ପରେ ଯାତ୍ରୀମାନଙ୍କୁ ସୂଚନା ମିଳିଥିଲା। ଏଥି ସହିତ ହଜାର ହଜାର ଯାତ୍ରୀ ମଧ୍ୟ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିବା ବେଳେ ଭାରତୀୟ ରେଳବାଇର ସମ୍ପତ୍ତି ସୁରକ୍ଷିତ ରହିଛି। ଏହି ଅପ୍ରୀତିକର ଘଟଣା ପାଇଁ ଭୁବନେଶ୍ୱର-କଟକ



ଡାଉନଲାଇନରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରେଳଚଳାଚଳ ବାଧାପ୍ରାପ୍ତ ହୋଇଛି।

ତେବେ ଏହି ଅଭାବନୀୟ ଘଟଣା ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଅଘଟଣ ପାଇଁ ଯେଉଁମାନେ ଦାୟୀ, ସେମାନଙ୍କର ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି କୁହାଯାଉଛି।

## ଋଣ ଦେବା ନାଁରେ ଠକେଇର ପର୍ଦ୍ଦାଫାଶ

# ୧୩୭ ମୋଟରସାଇକେଲ, ୧୨୭ ମୋବାଇଲ ଫୋନ୍ ଓ ନଗଦ ୩.୬୧ ଲକ୍ଷ ଟଙ୍କା ଜବତ

ଭୁବନେଶ୍ୱର, ୧୨।୬(ମହାଭାରତ): ଗଜପତି ଜିଲ୍ଲାର ଅଡବା ଥାନା ପୋଲିସ ଋଣ ପ୍ରଦାନ ନାମରେ ଦୀର୍ଘଦିନ ଧରି ସାଧାରଣ ଲୋକଙ୍କୁ ଠକେଇ କରୁଥିବା ଏକ ବଡ ରାକେଟର ପର୍ଦ୍ଦାଫାଶ କରିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କେ. ରବୀନ୍ଦ୍ର ରେଡ୍ଡୀଙ୍କୁ ପୋଲିସ ଗିରଫ କରିଥିବାବେଳେ ତାଙ୍କ ନିକଟରୁ ନଗଦ ୩,୬୧,୨୦୦ ଟଙ୍କା, ୧୩୭ଟି ମୋଟରସାଇକେଲ, ୧୨୭ଟି ମୋବାଇଲ ଫୋନ୍, ବିଭିନ୍ନ ଗାଡ଼ିର ଆରସି ଓ ସ୍ମାର୍ଟ କାର୍ଡ, ଚୁକ୍ତିପତ୍ର, ଷ୍ଟାମ୍ପ ପେପର ସହ ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ କରାଯାଇଛି।

ଅଭିଯୋଗ ଅନୁସାରେ, ରବୀନ୍ଦ୍ର ରେଡ୍ଡୀ ଲୋକମାନଙ୍କୁ ମୋଟରସାଇକେଲ, ସୁନା ଅଳଙ୍କାର, ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ସହ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜମା ରଖିଲେ ଋଣ ପ୍ରଦାନ କରିବ ବୋଲି ପ୍ରଲୋଭିତ କରୁଥିଲେ। ଏହି ପ୍ରଲୋଭନରେ ପଡି ପ୍ରାୟ ଛଅ ମାସ ପୂର୍ବେ ଜଣେ ବ୍ୟକ୍ତି ନିଜର ମୋଟରସାଇକେଲ ଓ ସମ୍ପୃକ୍ତ କାଗଜପତ୍ର ଅଭିଯୁକ୍ତଙ୍କ ନିକଟରେ ଜମା ରଖି ୨୦,୦୦୦ ଟଙ୍କା ଋଣ ନେଇଥିଲେ। ଏଥିସହ ଅଭିଯୁକ୍ତ ତାଙ୍କଠାରୁ ଏକ ଖାଲି ଷ୍ଟାମ୍ପ ପେପରରେ ସ୍ୱାକ୍ଷର ମଧ୍ୟ ନେଇଥିଲେ।ପରବର୍ତ୍ତୀ ସମୟରେ ଅଭିଯୋଗକାରୀ ଋଣ ରାଶି ଫେରସ୍ତ କରି ନିଜ ମୋଟରସାଇକେଲ ଫେରାଇ ନେବାକୁ ଚାହିଁଥିଲେ ମଧ୍ୟ ରବୀନ୍ଦ୍ର ରେଡ୍ଡୀ ବିଭିନ୍ନ ବାହାନା ଦେଖାଇ ତାଙ୍କୁ ଏଡ଼ାଇ ଚାଲିଥିଲେ। ଶେଷରେ ସେ ଗାଡ଼ି ଫେରାଇବାକୁ ସିଧାସଳଖ ମନା କରିଦେଇଥିଲେ, ଯାହା ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ।ଏହି ଅଭିଯୋଗକୁ ଆଧାର କରି ଆର ଉଦୟଗିରି ଉପଖଣ୍ଡ ପୋଲିସ ଅଧିକାରୀ ରାକେଶ ସାହୁଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ କ୍ରମରେ ଅଭିଯୁକ୍ତଙ୍କ ବାସଭବନରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ବିପୁଳ ପରିମାଣର ମୋଟରସାଇକେଲ, ମୋବାଇଲ ଫୋନ୍, ନଗଦ ଟଙ୍କା ଓ ବିଭିନ୍ନ ଦସ୍ତାବିଜ ଜବତ କରାଯାଇଥିଲା।

ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତଜଣକ ଋଣ ପ୍ରଦାନ ନାମରେ ବହୁ ଲୋକଙ୍କୁ ସମାନ ଢଙ୍ଗରେ ଠକେଇ କରିଥାଇପାରନ୍ତି। ଏହି ରାକେଟ୍ ସହ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ଏବଂ ଆହୁରି କେତେ ଲୋକ ଏହାର ଶିକାର ହୋଇଛନ୍ତି, ସେ ନେଇ ପୋଲିସ ତଦନ୍ତ ଜାରି ରଖିଛି। ଘଟଣାର ସମସ୍ତ ଦିଗକୁ ନେଇ ଅଧିକ ତଦନ୍ତ ଚାଲିଛି।

# ରାଜ୍ୟସଭାକୁ ନିର୍ବାଚିତ ହେଲେ ଦେବାଶିଷ ସାମନ୍ତରାୟ

ଭୁବନେଶ୍ୱର ୧୨।୬(ମହାଭାରତ): ଓଡ଼ିଶା ରାଜନୀତିରେ ଆଉ ଏକ ବଡ଼ ସମୀକରଣର ସଙ୍କେତ। ବିଜେଡି ଛାଡ଼ିବାର ମାତ୍ର କିଛି ଦିନ ମଧ୍ୟରେ ବିଜେପି ଟିକେଟ୍‌ରେ ରାଜ୍ୟସଭାକୁ ପହଞ୍ଚିଛନ୍ତି ବରିଷ୍ଠ ନେତା ଦେବାଶିଷ ସାମାନ୍ତରାୟ। ରାଜ୍ୟସଭା ଉପନିର୍ବାଚନରେ ତାଙ୍କ ବିପକ୍ଷରେ କେହି ପ୍ରାର୍ଥୀ ନ ଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ଘୋଷିତ ହୋଇଛନ୍ତି।

ନିର୍ବାଚନ କମିଶନଙ୍କ ଘୋଷଣା ଅନୁସାରେ, ଦେବାଶିଷ ହିଁ ଏକମାତ୍ର ପ୍ରାର୍ଥୀ ଥିବାରୁ ଭୋଟଗ୍ରହଣର ଆବଶ୍ୟକତା ପଡ଼ିନଥିଲା। ଏହା ସହ ସେ ଅନାୟାସରେ ସଂସଦର ଉଚ୍ଚ ସଦନକୁ ପ୍ରବେଶ କରିଛନ୍ତି।

ଗତ ମେ ୨୫ ତାରିଖରେ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇ ସମସ୍ତଙ୍କୁ ଚକିତ କରିଥିଲେ ଦେବାଶିଷ।



ଦୀର୍ଘଦିନ ଧରି ବିଜେଡିର ଜଣେ ପ୍ରଭାବଶାଳୀ ନେତା ଭାବେ ପରିଚିତ ଥିବା ସାମାନ୍ତରାୟଙ୍କ ଏହି ପଦକ୍ଷେପ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଇସ୍ତଫା ପରେ ସେ ପଦ୍ମ ଶିବିରରେ ଯୋଗ ଦେଇଥିଲେ ଏବଂ ବିଜେପି ତାଙ୍କୁ ରାଜ୍ୟସଭା ପ୍ରାର୍ଥୀ କରି ବଡ଼ ବାର୍ତ୍ତା ଦେଇଥିଲା।ଦେବାଶିଷଙ୍କ ନିର୍ଦ୍ୱନ୍ଦ୍ୱ ବିଜୟକୁ ବିଜେପି ପାଇଁ ଏକ ରାଜନୈତିକ ସଫଳତା ଭାବେ ଦେଖାଯାଉଛି। ଅନ୍ୟପଟେ, ବିଜେଡିରୁ ବିଜେପିକୁ ତାଙ୍କ ଯାତ୍ରା ଓଡ଼ିଶାର ବଦଳୁଥିବା ରାଜନୈତିକ ଚିତ୍ରକୁ ଆହୁରି ସ୍ପଷ୍ଟ କରିଛି।

ଏବେ ସବୁଠୁ ବଡ଼ ପ୍ରଶ୍ନ ରାଜ୍ୟସଭାରେ ଦେବାଶିଷଙ୍କ ନୂଆ ଭୂମିକା ଓଡ଼ିଶା ରାଜନୀତିରେ କେତେ ପ୍ରଭାବ ପକାଇବ ତେବେ ଏତିକି ସ୍ପଷ୍ଟ, ବିଜେଡି ଛାଡ଼ିବାର କିଛି ଦିନ ମଧ୍ୟରେ ରାଜ୍ୟସଭାର ଟିକେଟ୍ ଓ ନିର୍ଦ୍ୱନ୍ଦ୍ୱ ବିଜୟ ଦେବାଶିଷଙ୍କ ରାଜନୈତିକ କ୍ୟାରିୟରକୁ ନୂଆ ମୋଡ଼ ଦେଇଛି।

# ବିଜେଡି ସରକାର ସମୟରେ ଫାଇଲ ହଜିନି- ମୁନା ଖାଁ

ଭୁବନେଶ୍ୱର, ୧୨।୬(ମହାଭାରତ): ସିଏମଓରୁ ଫାଇଲ ହଜିବା ଘଟଣାରେ ବିଜେଡିର ପୂର୍ବତନ ସାଂସଦ ମୁନା ଖାଁ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ବିଜେଡି ସରକାର ସମୟରେ ଫାଇଲ ହଜିନି। କିଏ ଜାଣିଛି ଫାଇଲ କେବେ ହଜିଛି। ଯଦି ଫାଇଲ ହଜିଛି ଏତେ ଦିନ ଧରି ସରକାର ଜାଣି ପାରିନଥିଲେ କି ଯଦି ଜାଣିଥିଲେ କାହିଁକି ଚୁପ ବସିଥିଲେ। ଦୁଇ ବର୍ଷ ହେଲାଣି ସେମାନେ ସତ୍ତାରେ ଅଛନ୍ତି ତେବେ କାହିଁକି ଚୁପ ବସିଥିଲେ। ଏହା ପଛରେ କିଛି ଷଡ଼ଯନ୍ତ୍ର ଥାଇ ପାରେ କିଛି ରାଜନୀତିକ ଉଦ୍ଦେଶ୍ୟ ଥାଇପାରେ। ସରକାର ଅଛନ୍ତି ସେମାନେ ଯାହା ବି କରି ପାରିବେ। ଏବେ ଫାଇଲ ହଜାଇବା ଉଠାଉଛନ୍ତି ଆଉ କିଛି ଦିନ ଗଲେ ଅନ୍ୟ କୌଣସି ବିଷୟକୁ ନେଇ ଚାଲି ଆସିବେ ବୋଲି କହିଛନ୍ତି ମୁନା ଖାଁ।

# ଚନ୍ଦ୍ରିକା ପାଣିରେ ବୁଡ଼ିବା ଅସମ୍ଭବ- ଚନ୍ଦ୍ରିକାଙ୍କ ପରିବାର

ଭୁବନେଶ୍ୱର, ୧୨।୬(ମହାଭାରତ): ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକାଙ୍କ ପୋଷ୍ଟମର୍ଟମ ରିପୋର୍ଟ ଗ୍ରହଣୀୟ ନୁହେଁ ବୋଲି ପରିବାର ଲୋକେ କହିଛନ୍ତି । ଚନ୍ଦ୍ରିକା ପାଣିରେ ବୁଡ଼ିବା ଅସମ୍ଭବ, ମୃତଦେହ ମିଳିବା ସ୍ଥାନରେ କମ ପାଣିଥିଲା । ଏତେ ଉଚ୍ଚରୁ ଡେଇଁ ଅଳ୍ପ ପାଣିରେ ବୁଡ଼ିବା ଅସମ୍ଭବ ବୋଲି ପରିବାର ଲୋକେ କହିଛନ୍ତି । ଚନ୍ଦ୍ରିକାଙ୍କୁ ପାଣିରେ ଜୋର ଜବରଦସ୍ତ ବୁଡ଼ାଇ ହତ୍ୟା କରାଯାଇଥାଇପାରେ । ଅନ୍ୟତ୍ର ଶ୍ୱାସରୁଦ୍ଧ କରି ହତ୍ୟା କରି ସେଠାରେ ଫୋପାଡ଼ି ଦିଆଯାଇଥାଇପାରେ । ଭୀମସେନ ଓଏଏସ ଓ ତାଙ୍କ ବାପା ପୋଲିସ ଚାକିରି କରୁଥିବାରୁ ଅନୁକମ୍ପା ଦେଖାଯାଉଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି ।

# ସ୍ନାତକ ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ସମୟସୀମା ବୃଦ୍ଧି

ଭୁବନେଶ୍ୱର, ୧୨।୬(ମହାଭାରତ): ସ୍ନାତକ ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ସମୟସୀମା ବୃଦ୍ଧି ହୋଇଛି। ଛାତ୍ରଛାତ୍ରୀମାନେ ଜୁନ୍ ୧୬ ତାରିଖ ଯାଏଁ ସାମ୍ସ ପୋର୍ଟାଲକୁ ଯାଇ ସ୍ନାତକ ପାଠ୍ୟକ୍ରମ ପାଇଁ ଆବେଦନ କରିପାରିବେ, ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ଜୁନ୍ ୨୨ ତାରିଖ ଅପରାହ୍ନ ୨ ଘଟିକାରେ ପ୍ରଥମ ମେଧାତାଲିକା ପ୍ରକାଶିତ ହେବ।ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ସ୍ନାତକ ଶ୍ରେଣୀରେ ନାମଲେଖା ପ୍ରକ୍ରିୟା ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ କରାଯିବ। ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁସାରେ, ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲରେ କମନ୍ ଆପ୍ଲିକେସନ ଫର୍ମ ପୂରଣ କରିବା ସମୟରେ ନିଜ ପସନ୍ଦ ଅନୁଯାୟୀ ମୁଖ୍ୟ ବିଷୟ, ଉପ ବିଷୟ (ମେଜର, ମାଇନର ସବଜେକ୍ଟ) ଚୟନ କରିପାରିବେ। ଆପରେଣ୍ଟିସିପ୍ ଏମବେଡ଼େଡ଼ ଡିଗ୍ରୀ ପାଠ୍ୟକ୍ରମ ପାଇଁ ଆଗ୍ରହୀ ଥିବା ଛାତ୍ରଛାତ୍ରୀମାନେ ମଧ୍ୟ ଉକ୍ତ ପାଠ୍ୟକ୍ରମ ପାଇଁ ଆବେଦନ କରିପାରିବେ।

ଏଥିସହ ଶିକ୍ଷାବର୍ଷ ୨୦୨୬-୨୭ରେ ସ୍ନାତକ ପାଠ୍ୟକ୍ରମକୁ ଆସନ୍ତା ଜୁଲାଇ ମାସ ୧୦ ତାରିଖ (୧୦ ଜୁଲାଇ,୨୦୨୬ ରିଖ) ସୁଦ୍ଧା ଆରମ୍ଭ କରାଯିବାପାଇଁ ଲକ୍ଷ୍ୟ ରଖାଯାଇଛି।

# ଏସଆଇଆର କାର୍ଯ୍ୟ ବେଳେ ବିଏଲଓଙ୍କୁ ମାଡ ଅଭିଯୋଗ

ଭୁବନେଶ୍ୱର, ୧୨।୬(ମହାଭାରତ): ଏସଆଇଆର କାର୍ଯ୍ୟ କରୁଥିବା ବେଳେ ବିଏଲଓଙ୍କୁ ମାଡ଼ ହୋଇଥିବା ଅଭିଯୋଗ ହୋଇଛି। ଭୁବନେଶ୍ୱରର ୩୫ ନମ୍ବର ୱାର୍ଡ ୧୦୩ ନମ୍ବର ବୁଥ୍ ରେ ଏସଆଇଆର କାର୍ଯ୍ୟ କରୁଥିବା ବେଳେ ବିଏଲଓ ଅଯୋଧ୍ୟା ନାରାୟଣ ମହାନ୍ତିଙ୍କୁ ଆକ୍ରମଣ ହୋଇଥିବା ନେଇ ଅଭିଯୋଗ ଆସିଛି । ଏହାସହ ବିଏଲଓଙ୍କ ଆଇଡି କାର୍ଡ ଓ ଏସଆଇଆର ଖାତା ଛଡ଼ାଇ ନେଇଥିବା ଜଣାପଡିଛି।

# ସୋମବାର ନନ୍ଦନକାନନ ଖୋଲା

ଭୁବନେଶ୍ୱର, ୧୧।୬(ଯୁବମୋର୍ଚ୍ଚା): ଆସନ୍ତା ୧୫ ତାରିଖ ସୋମବାର ଦିନ ନନ୍ଦନକାନନ ଖୋଲା ରହିବ। ସୋମବାର ରଜ ପଡୁଥିବାରୁ ନନ୍ଦନକାନନ ଖୋଲା ରହିବ। ଏହାସହ ରାଜ୍ୟ ବଟାନିକାଲ ଗାର୍ଡେନ୍ ମଧ୍ୟ ଭିଜିଟରସ୍ ଙ୍କ ପାଇଁ ଖୋଲା ରହିବ। ତେବେ ଏହା ବଦଳରେ ୧୬ ତାରିଖ ମଙ୍ଗଳବାର ଦିନ ନନ୍ଦନକାନନ ବନ୍ଦ ରହିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

# ସୁଧାଂଶୁ ଶେଖର ବଡ଼ପଣ୍ଡାଙ୍କ ଓଇଆରସି ସଦସ୍ୟ

ଭୁବନେଶ୍ୱର, ୧୨।୬(ମହାଭାରତ): ସୁଧାଂଶୁ ଶେଖର ବଡ଼ପଣ୍ଡା ବୁଧବାର ଭୁବନେଶ୍ୱରସ୍ଥିତ ଓଇଆରସିର ଶୁଣାଣି ପ୍ରକୋଷ୍ଠରେ ଆୟୋଜିତ ଏକ ସମାରୋହରେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗର ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି।

ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ ବୃନ୍ଦ ଏବଂ ଆୟୋଗର ସଦସ୍ୟମାନଙ୍କ ଉପସ୍ଥିତିରେ ଏହି ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ।

ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ରାଜ୍ୟର ବିଦ୍ୟୁତ କ୍ଷେତ୍ରର ନିୟନ୍ତ୍ରଣ ପାଇଁ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ, ଯେଉଁଥିରେ ଶୁଳ୍କ (ଟାରିଫ୍) ନିର୍ଦ୍ଧାରଣ, ଲାଇସେନ୍ସ ପ୍ରଦାନ, ଗ୍ରାହକ ସୁରକ୍ଷା ଏବଂ ବିଦ୍ୟୁତ କ୍ଷେତ୍ରରେ ଦକ୍ଷତା, ପ୍ରତିଯୋଗିତା ତଥା ଅକ୍ଷୟ ଶକ୍ତିର ସମନ୍ୱୟକୁ ପ୍ରୋତ୍ସାହିତ କରିବା ଅନ୍ତର୍ଭୁକ୍ତ ଅଛି।

ନିଜର ବ୍ୟାପକ ପ୍ରଶାସନିକ ଅଭିଜ୍ଞତା ଯୋଗୁଁ, ଶ୍ରୀ ବଡ଼ପଣ୍ଡାଙ୍କ ସଦସ୍ୟ ଭାବେ ଯୋଗଦାନ ଆୟୋଗର କାର୍ଯ୍ୟଧାରାକୁ ଅଧିକ ଶକ୍ତିଶାଳୀ କରିବ ଏବଂ 'ବିକଶିତ ଓଡ଼ିଶା'ର ପରିକଳ୍ପନା ଅନୁଯାୟୀ ଓଡ଼ିଶାର ବିଦ୍ୟୁତ କ୍ଷେତ୍ରର ସଂସ୍କାର, ଶକ୍ତି ସୁରକ୍ଷା ଏବଂ ଗ୍ରାହକ-କେନ୍ଦ୍ରିତ ଶାସନରେ ସହାୟକ ହେବ ବୋଲି ଆଶା କରାଯାଉଛି।


ଏହି ଶପଥ ଗ୍ରହଣ ସମାରୋହରେ ଶକ୍ତି ବିଭାଗ, ଓଏଚପିସି, ଗ୍ରୀଡକୋ, ଓପିଟିସିଏଲ, ଓଇଆରସିର ବରିଷ୍ଠ ଅଧିକାରୀ ଏବଂ ବିଦ୍ୟୁତ କ୍ଷେତ୍ରର ବିଭିନ୍ନ ସଂସ୍ଥାର ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ଏନ୍ୟୁମରେସନ ଫର୍ମ ଦାଖଲ କଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର,୧୨।୬(ମହାଭାରତ): ସଠିକ୍ ଓ ନିର୍ଭୁଲ ଭୋଟର ତାଲିକା ପାଇଁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନରେ ସାମିଲ ହୋଇ ଆଗଲପୁର ଏବଂ ଲୋଇସିଂହାର ବ୍ଲକ ଉନ୍ନୟନ ଅଧିକାରୀଙ୍କ ଉପସ୍ଥିତିରେ ଲୋଇସିଂହା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ବିଜୟାନନ୍ଦ ସେଠୀ ଏବଂ ନଅଗାଁ (ଖ) ବୁଥ- ୯୬ର ବୁଥ୍ ସ୍ତରୀୟ ଅଧିକାରୀ କୁନ୍ତୀ ପୁରୋହିତ, ଆମ ଦଳର ବିଏଲଏ-୨ ସୁରେନ୍ଦ୍ର ସାହୁଙ୍କ ନିକଟରେ ନିଜର ଏନ୍ୟୁମରେସନ ଫର୍ମ ଦାଖଲ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ।ଏନେଇ ମନ୍ତ୍ରୀ କହିଛନ୍ତି ଯେ, ସଚେତନ ନାଗରିକ ଭାବେ ଗଣତନ୍ତ୍ରକୁ ସଶକ୍ତ କରିବା ନିମନ୍ତେ ଏହି ଅଭିଯାନରେ ସାମିଲ ହେବା ଏବଂ ସଠିକ ତଥ୍ୟ ପ୍ରଦାନ କରିବା ଆମର ଦାୟିତ୍ୱ। ଆପଣ ସମସ୍ତେ ମଧ୍ୟ ଏହା ମାଧ୍ୟମରେ ନିଜର ସଠିକ ଏବଂ ନିର୍ଭୁଲ ତଥ୍ୟ ପ୍ରଦାନ କରି ଏକ ସମୃଦ୍ଧ ଏବଂ ସଶକ୍ତ ଗଣତନ୍ତ୍ର ସ୍ଥାପନରେ ନିଜର ଯୋଗଦାନ ଦିଅନ୍ତୁ।

# ତତକାଳୀନ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ରିପୋର୍ଟ ଫେରିନି : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୧୨।୬(ମହାଭାରତ) ସିଏମଓରୁ ଫାଇଲ୍ ଗାଏବ ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫାଇଲ ଫେରିନଥିବା ଅଭିଯୋଗ କରିଛନ୍ତି ରାଜସ୍ୱ ମନ୍ତ୍ରୀ। ସେ କହିଛନ୍ତି ନାଇଡୁ କମିଶନ ରିପୋର୍ଟ ଓ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡ ରିପୋର୍ଟର ଗୃହ ବିଭାଗରୁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ ଯାଇଥିଲା। ତତ୍ କାଳୀନ ମୁଖ୍ୟ ସଚିବଙ୍କ



ଜରିଆରେ ରିପୋର୍ଟ ଯିବାର ପ୍ରମାଣ ରହିଛି। ମାତ୍ର ତତ୍‌କାଳୀନ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଆଉ ଫେରି ନାହିଁ। ଯଦି ତତ୍‌କାଳୀନଙ୍କ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଫେରିଥାନ୍ତା ପ୍ରମାଣ ରହିଥାନ୍ତା। ରାଜ୍ୟ ସରକାରଙ୍କ ହୃଦବୋଧ ହେଲା ଫାଇଲ୍ ଫେରିବା ସମ୍ଭାବନା କମ୍। ଏହା ଭୁଲବଶତଃ ନୁହେଁ, ଉଦ୍ଦେଶ୍ୟମୂଳକ ଭାବେ ଏପଟସେପଟ ହୋଇଛି। ଗୃହ ବିଭାଗକୁ ଆସିବା ଏବଂ ସିଏମଓକୁ ଯିବା ସମ୍ବନ୍ଧିତ ସମସ୍ତ ରେକର୍ଡ ରହିଛି। ମାତ୍ର, ଫାଇଲ୍ ଆଉ ସିଏମଓରୁ ଗୃହ ବିଭାଗକୁ ଫେରିନାହିଁ। ପଠାଯାଇଥିବାର ରେକର୍ଡ ଅଛି, ଫେରିବାର କୌଣସି ରେକର୍ଡ ନାହିଁ। ଫାଇଲ ସିଏମଓରୁ ନଫେରିବାରୁ ତତ୍‌କାଳୀନ ମୁଖ୍ୟ ସଚିବ ଚିଠି ଲେଖିଥିଲେ। ସେତେବେଳେ କେବଳ ଉତର ଆସିଥିଲା- ଦେଖୁଛୁ ଏବଂ ଖୋଜୁଛୁ। ସରକାର ପରିବର୍ତ୍ତନ ପରେ ଫାଇଲ ସବୁ ହସ୍ତାନ୍ତର ହେବା କଥା। ତାହା ନହେବାରୁ ଫାଇଲ୍ ଲୁଚା ଯାଇଛି କିମ୍ବା ହଜାଯାଇଛି ବୋଲି ଅନୁଭବ ହେଲା। ତେଣୁ ଗୃହ ବିଭାଗର ଜଣେ ଅଧିକାରୀ କ୍ୟାପିଟାଲ ଥାନାରେ ଏତଲା କରିଛନ୍ତି। ତଦନ୍ତ ଆରମ୍ଭ ହେଲେ ଫାଇଲ୍ ମିଳିବ ଏବଂ ରାଜ୍ୟ ସରକାର ସାର୍ବଜନୀନ କରିବେ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ।

# ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୧୨।୬(ମହାଭାରତ): ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ସରକାରୀ ଅଧିକାରୀମାନଙ୍କ ପାଇଁ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଉଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଜୁନ୍ ୧୦ ଓ ୧୧ ତାରିଖ ଦୁଇ ଦିନ ଏହି ପ୍ରଶିକ୍ଷଣ ଶିବିର ସଂସ୍କୃତି ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ହେଉଛି।

ଓଡ଼ିଶା ସରକାରଙ୍କ ୨୩ ଟି ବିଭାଗ ଏବଂ ୫ଟି ନିର୍ଦ୍ଦେଶାଳୟରୁ ମୋଟ୍ ୨୦୫ ଜଣ ସରକାରୀ ଅଧିକାରୀ ଏହି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଛନ୍ତି। ପ୍ରଶିକ୍ଷଣ ଶିବିରର ପ୍ରଥମ ଦିନରେ ଓଡ଼ିଆ ଭାଷା ଶବ୍ଦ ଭଣ୍ଡାରର ବ୍ୟାବହାରିକ ରୂପ, କମ୍ପୁଟରରେ ଓଡ଼ିଆ ଟାଇପିଙ୍ଗ, ଓସ୍‌ୱାସ୍ ରେ ସରକାରୀ କାର୍ଯ୍ୟ ସମ୍ପାଦନ, ପାୱାର ପଏଂଟ ଉପସ୍ଥାପନା, ଇଂରାଜୀରୁ ଓଡ଼ିଆ ଅନୁବାଦ, ଓଡ଼ିଆରେ ଟିପ୍ପଣୀ, ଚିଠା, ଆଦେଶନାମା ପ୍ରସ୍ତୁତି ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।

ପ୍ରଶିକ୍ଷଣ ଶିବିରର ପ୍ରଥମ ଦିନରେ ଡକ୍ଟର ହର ପ୍ରସାଦ ମିଶ୍ର, ସ୍ମୃତିରଞ୍ଜନ ମିଶ୍ର,ସୁରେନ୍ଦ୍ର କୁମାର ଦାଶ, ଡକ୍ଟର ପ୍ରଦୀପ୍ତ କୁମାର ବାରିକ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ ସରକାରୀ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି।

# ନିଟ୍ ୟୁଜି ପରୀକ୍ଷାର୍ଥୀଙ୍କୁ ମିଳିବ ମାଗଣା ବସ୍ ଯାତ୍ରା ସୁବିଧା

ଭୁବନେଶ୍ୱର, ୧୨।୬(ମହାଭାରତ); ରାଜ୍ୟର ସମସ୍ତ 'ନିଟ୍' ପରୀକ୍ଷାର୍ଥୀଙ୍କୁ ମାଗଣା ବସ୍ ଯାତ୍ରା ସୁବିଧା ମିଳିବ। ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଏହି ଘୋଷଣା ହୋଇଛି। ନିଟ୍ (ୟୁଜି) ପୁନଃ ପରୀକ୍ଷା ଚଳିତମାସ ୨୧ ତାରିଖ ରବିବାର ଅନୁଷ୍ଠିତ ହେବ। ପରୀକ୍ଷାର୍ଥୀମାନେ ନିଜର ବୈଧ ଆଡମିଟ୍ କାର୍ଡ ଦେଖାଇ ଏହି ମାଗଣା ବସ୍ ଯାତ୍ରା ସୁବିଧା ପାଇପାରିବେ। ଏହି ସୁବିଧା ଓଏସଆରଟିସି ଓ କ୍ଲଟ୍ ବସଗୁଡିକରେ ଉପଲବ୍ଧ ହେବ। ପ୍ରବଳ ଗ୍ରୀଷ୍ମପ୍ରବାହ ଏବଂ ଗରିବ ଛାତ୍ରଛାତ୍ରୀଙ୍କ ସୁବିଧା ନିମନ୍ତେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି।

ରାଜ୍ୟ ପରିବହନ ବିଭାଗର ସ୍ୱତନ୍ତ୍ର ସଚିବ ଦେବଦତ୍ତ ସୁରଞ୍ଜିତା ଜେନା ଏନେଇ ଏକ ନିର୍ଦ୍ଦେଶନାମା ଜାରି କରିବା ସହ ଏହାକୁ 'ସର୍ବୋଚ୍ଚ ପ୍ରାଥମିକତା' ଦେଇ ତୁରନ୍ତ କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟ ପରିବହନ କମିଶନର, ଓଏସଆରଟିସି ଅଧକ୍ଷ ଓ କ୍ଲଟ୍ ପରିଚାଳନା ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଅବଗତ କରିଛନ୍ତି।

ସେ ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ, ପ୍ରବଳ ଗ୍ରୀଷ୍ମପ୍ରବାହରେ ଅଂଶୁଘାତର ଆଶଙ୍କାକୁ ହ୍ରାସ କରିବା ଓ ଗରିବ ବର୍ଗର ଛାତ୍ରଛାତ୍ରୀଙ୍କୁ ସହାୟତା ନିମନ୍ତେ ରାଜ୍ୟ ସରକାର ନିଟ୍ ୟୁଜି ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ମାଗଣା ବସଯାତ୍ରା ସୁବିଧା ପ୍ରଦା ପାଇଁ ନିଷ୍ପତ୍ତି ନେଇଛନ୍ତି। ଯାହାଫଳରେ ସମସ୍ତ ପରୀକ୍ଷାର୍ଥୀ ସହଜରେ ପରୀକ୍ଷା କେନ୍ଦ୍ରରେ ପହଂଚିପାରିବେ।

# ଓଡ଼ିଶୀ ଗବେଷଣା କେନ୍ଦ୍ରରେ ମାଧବୀ ମୁଦଗଲ୍ ଙ୍କ ନୃତ୍ୟ କର୍ମଶାଳା

ଭୁବନେଶ୍ୱର, ୧୨।୬(ମହାଭାରତ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଠାରେ ବିଶିଷ୍ଟ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ମାଧବୀ ମୁଦଗଲ୍ ଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟ କର୍ମଶାଳା ଆୟୋଜିତ ହେଉଛି। ଜୁନ୍ ୧୦ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଏହି ଓଡ଼ିଶୀ ନୃତ୍ୟ କର୍ମଶାଳା ଆୟୋଜିତ ହେବ।ଉକ୍ତ କର୍ମଶାଳାରେ ପଦ୍ମଶ୍ରୀ ମାଧବୀ ମୁଦଗଲ୍ ଗୁରୁ କେଳୁଚରଣ ମହାପାତ୍ରଙ୍କ ଦ୍ୱାରା ସଂଯୋଜିତ "ଖ ଚମ୍ପୁ" ଆଧାରିତ ଅଭିନୟର ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଏହି କର୍ମଶାଳାରେ ୫୦ରୁ ଅଧିକ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରିଛନ୍ତି। ପଦ୍ମ ବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ଦ୍ୱାରା ସଂଯୋଜିତ ଏବଂ ପଦ୍ମଶ୍ରୀ ମାଧବୀ ମୁଦଗଲ୍ ଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟ ଶିଖିବା ଏକ ନିଆରା ଅନୁଭୂତି ବୋଲି ପ୍ରଶିକ୍ଷାର୍ଥୀମାନେ ମତପ୍ରକାଶ କରିଛନ୍ତି। ଆଜି ନୃତ୍ୟ କର୍ମଶାଳାର ଉଦ୍‌ଘାଟନୀ ସମାରୋହରେ ବିଶିଷ୍ଟ ନୃତ୍ୟଶିଳ୍ପୀ ଶ୍ରୀମତୀ ସିକତା ଦାସ, ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଶୁଚିସ୍ମିତା ମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରେଗାଲିଆ ମଲ୍‌ରେ ପ୍ରଦର୍ଶନୀ ଷ୍ଟଲ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୨।୬(ମହାଭାରତ): ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ 'ଉତ୍କଳିକା' ପକ୍ଷରୁ ଭୁବନେଶ୍ୱରସ୍ଥିତ ଡିଏନ୍ ରେଗାଲିଆ ମଲ୍ ରେ ଏକ ନୂତନ ପ୍ରଦର୍ଶନୀ ଷ୍ଟଲ୍ ର ଶୁଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ଏବଂ ଉପସଭାପତି ଦ୍ୱାରା ଏହି ପ୍ରଦର୍ଶନୀ ଷ୍ଟଲ୍‌ର ଉଦ୍‌ଘାଟନ କରାଯାଇଥିଲା। ଏହି ପ୍ରଦର୍ଶନୀରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ କାରିଗରମାନଙ୍କ ଅନନ୍ୟ କଳାକୌଶଳର ପରିଚୟ ବହନ କରୁଥିବା ପ୍ରାମାଣିକ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର ସ୍ୱତନ୍ତ୍ର ସଂଗ୍ରହ ପ୍ରଦର୍ଶିତ ହେଉଛି। ଏହି ପ୍ରଦର୍ଶନୀ ଆସନ୍ତା ୧୬ ଜୁଲାଇ ୨୦୨୬ (ରଥଯାତ୍ରା) ପର୍ଯ୍ୟନ୍ତ ଚାଲିବ। ରଜ ଓ ରଥଯାତ୍ରା ଅବସରରେ ଗ୍ରାହକମାନଙ୍କ ପାଇଁ ହସ୍ତତନ୍ତ ସାମଗ୍ରୀ ଉପରେ ୨୦%+୧୦% ଏବଂ ହସ୍ତଶିଳ୍ପ ସାମଗ୍ରୀ ଉପରେ ୧୦% ସ୍ୱତନ୍ତ୍ର ରିହାତି ସୁବିଧା ଉପଲବ୍ଧ କରାଯାଇଛି।

# ସହରାଂଚଳର ଦୁର୍ବଳ ବର୍ଗଙ୍କ ସଶକ୍ତିକରଣରେ 'ସହଯୋଗ'

ଭୁବନେଶ୍ୱର, ୧୨।୬(ମହାଭାରତ): ସହରାଂଚଳରେ ବାସ କରୁଥିବା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏବଂ ବଂଚିତ ବର୍ଗର ଲୋକମାନଙ୍କୁ ବିଭିନ୍ନ ସରକାରୀ କଲ୍ୟାଣକାରୀ ଯୋଜନା ସହ ଯୋଡ଼ିବା ଉଦ୍ଦେଶ୍ୟରେ ଗୃହ ଓ ନଗର ଉନ୍ନୟନ ବିଭାଗ, ଟାଟା ଷ୍ଟିଲ୍ ଫାଉଣ୍ଡେସନର ସହଯୋଗରେ 'ସହଯୋଗ' କାର୍ଯ୍ୟକ୍ରମ ପରିଚାଳନା କରୁଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସହରାଂଚଳର ହଜାର ହଜାର ପରିବାର ବିଭିନ୍ନ ସରକାରୀ ସେବା ଓ ସୁବିଧା ସହ ଯୋଡ଼ି ହୋଇପାରିଛନ୍ତି।

ଏହି ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱରସ୍ଥିତ ଓଡ଼ିଶା ଅର୍ବାନ୍ ଏକାଡେମୀରେ 'ସହଯୋଗ' କାର୍ଯ୍ୟକ୍ରମର ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ବିଭିନ୍ନ ଫ୍ରଂଟଲାଇନ୍ କର୍ମୀଙ୍କ ପାଇଁ ଏକ ଦିନିକିଆ କର୍ମଶାଳା ଆୟୋଜିତ ହୋଇଥିଲା। ଏହି ଅବସରରେ 'ସହଯୋଗ' ସର୍ଭେ ସମୟରେ ସାଧାରଣତଃ ପଚରାଯାଉଥିବା ପ୍ରଶ୍ନ ଓ ସେଗୁଡ଼ିକର ଉତର ସମ୍ବଳିତ ଏଫଏକ୍ୟୁ ପୁସ୍ତିକା ଉନ୍ମୋଚିତ ହୋଇଥିଲା।

ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, 'ସହଯୋଗ' କାର୍ଯ୍ୟକ୍ରମ କେବଳ ସରକାରୀ ଯୋଜନାର ସୁବିଧା ପହଂଚାଇବାରେ ସୀମିତ ନୁହେଁ, ବରଂ ସହରାଂଚଳର ଦୁର୍ବଳ ବର୍ଗର ଜୀବନମାନରେ ଉନ୍ନତି ଆଣିବା ଦିଗରେ ଏକ ପ୍ରଭାବଶାଳୀ ସେତୁ ଭାବେ କାର୍ଯ୍ୟ କରୁଛି। ତୃଣମୂଳ




ସ୍ତରରେ କାର୍ଯ୍ୟରତ ସ୍ୱଚ୍ଛସାଥୀ, ଏସ୍.ଏ.ଜି. ସଦସ୍ୟା ଏବଂ ବସ୍ତି ବାସିନ୍ଦା ସଂଘର ସଦସ୍ୟମାନଙ୍କ ନିଷ୍ଠା ଓ ପରିଶ୍ରମ ଯୋଗୁଁ ଏହି କାର୍ଯ୍ୟକ୍ରମ ସଫଳତାର ସହ ଆଗେଇ ଚାଲିଛି ବୋଲି ସେ କହିଥିଲେ।

କର୍ମଶାଳାରେ ରାଜ୍ୟର ବିଭିନ୍ନ ପୌରାଂଚଳରୁ ଆସିଥିବା ସ୍ୱଚ୍ଛସାଥୀ, ଏସ୍.ଏ.ଜି. ସଦସ୍ୟା ଏବଂ ବସ୍ତି ବାସିନ୍ଦା ସଂଘର ପ୍ରତିନିଧିମାନେ ନିଜ ନିଜ ଅଞ୍ଚଳରେ କାର୍ଯ୍ୟକ୍ରମର ପ୍ରଭାବ ଓ ଅନୁଭୂତି ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସହଯୋଗ କାର୍ଯ୍ୟକ୍ରମ ଦ୍ୱାରା ଲୋକମାନଙ୍କ ଜୀବନଶୈଳୀରେ ଆସିଥିବା ପରିବର୍ତ୍ତନ ଓ କାର୍ଯ୍ୟକ୍ରମକୁ ଆହୁରି ପ୍ରଭାବଶାଳୀ କରିବା ସମ୍ପର୍କରେ ସେମାନେ ବିଭିନ୍ନ ପରାମର୍ଶ ମଧ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ମୁଖ୍ୟ ନିର୍ବାହୀ ଅଧିକାରୀ ସୌରଭ ରାୟ, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ଶାସନ ସଚିବ ଶତୃଘ୍ନ କର ଏବଂ 'ସହଯୋଗ' କାର୍ଯ୍ୟକ୍ରମର ନୋଡାଲ ଅଫିସର ସୌରିନ୍ଦ୍ର ରାଉତରାୟ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଅଗ୍ରଗତି ଓ ଭବିଷ୍ୟତ କାର୍ଯ୍ୟଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।

ଫ୍ରଂଟଲାଇନ୍ କର୍ମୀମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ଅଭିଜ୍ଞତା ଓ ପରାମର୍ଶକୁ ଗୁରୁତ୍ୱର ସହ ବିଚାର କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଶ୍ରୀମତୀ ପାଢୀ ନିର୍ଦ୍ଦେଶ ଦେଇଥିଲେ।

ଏହି କର୍ମଶାଳାରେ 'ସହଯୋଗ' ରାଜ୍ୟ ମୁଖ୍ୟାଳୟର ଶ୍ରୀ ଶିଶିର ରଞ୍ଜନ ଦାଶଙ୍କ ସମେତ ବିଭିନ୍ନ ପୌରାଞ୍ଚଳର ପ୍ରତିନିଧି ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ବ୍ରାହ୍ମଣୀ ନଦୀରେ ବୁଡ଼ି ମତ୍ସ୍ୟଜୀବୀଙ୍କ ମୃତ୍ୟୁ

କଣିହାଁ, (ମହାଭାରତ): ସମଲ ଥାନା ପରାବିଲ ପଞ୍ଚାୟତ ର ବ୍ରାହ୍ମଣୀ ନଦୀ କୁ ମାଛ ଧରିବାକୁ ଯାଉଥିବା ବେଳେ ନଦୀ ରେ ବୁଡ଼ି ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଉଛନ୍ତି ପାରାବିଲ ପଞ୍ଚାୟତ ଅନ୍ତର୍ଗତ ସିଲିଂ ଗ୍ରାମର ଟୁନା ଦେହୁରୀ ( ୩୫ ବର୍ଷ)। ଆଜି ଭୋର ସମୟରେ ସେ ଡ଼ଙ୍ଗା ଧରି ବ୍ରାହ୍ମଣୀ ନଦୀ କୁ ମାଛ ଧରିବାକୁ ଯାଉଥିବା ସମୟରେ ଲହଡା ମାଡ଼େର ନଦୀରେ ବୁଡ଼ି ଯାଇଥିଲେ। ଖବର ପାଇ କଣିହାଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରାଯାଇଥିଲା ।ସମଲ ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ପୋଲିସ ମୃତ୍ୟୁକ ଶବ ଜବତ କରି ବ୍ୟବଛେଦ ପାଇଁ ତାଳଚେର ହସ୍ପିଟାଲକୁ ପଠାଇଥିଲେ।

## ନିଳାଚଳ ଇସ୍ପାତ ବାସଚ୍ୟୁତ ପରିବାର ପକ୍ଷରୁ ସାମ୍ବାଦିକ ସମ୍ମିଳନୀ




ଯାଜପୁର,ଦାନଗଦି, (ମହାଭାରତ) : ଗତ କିଛିଦିନ ପୂର୍ବରୁ ବିସ୍ଥାପିତ ଉନ୍ନୟନ ପରିଷଦ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରି ନୀଳାଞ୍ଚଳ ଇସ୍ପାତ ର ବାସଚ୍ୟୁତ ପରିବାର ବିପକ୍ଷରେ କହିବା ସହିତ ନିଜକୁ ମଧ ନୀଳାଚଳ ବାସଚ୍ୟୁତ ଦାବି କରିଥିଲେ। ଏହା କୁ ବିରୋଧ କରି ଆଜି ନିଳାଚଳ ଇସ୍ପାତ ର ବାସଚ୍ୟୁତ ପରିବାର ପକ୍ଷରୁ କଳିଙ୍ଗନଗରଠାରେ ଏକ ସାମ୍ବାଦିକ ସମ୍ମିଳନୀକରି ବିସ୍ଥାପିତ ପରିବାର ଉନ୍ନୟନ ପରିଷଦ ଉପରେ ବର୍ଷିବା ସହିତ ତୁମେ ଟାଟା ବିସ୍ଥାପିତ ଟାଟା କଥା ଚିନ୍ତା କର ଆମ ପାଇଁ ଏମିତି ନିଜ ସ୍ୱାର୍ଥ ପାଇଁ କୁମ୍ଭୀର କାନ୍ଦଣା କାନ୍ଦନି କହିଛନ୍ତି ବାସଚ୍ୟୁତ ପରିବାର । ତାଙ୍କର କହିବା କଥା ବିଗତ ଦିନରେ ବିସ୍ଥାପିତ ପରିବାର ଯେତେବେଳେ ରାଜ ରାସ୍ତାରେ ବସିଥିଲେ ସେତେବେଳେ ସେ କେଉଁଠି ଥିଲେ ଏବଂ ଅନେକ ନିରିହ ବିସ୍ଥାପିତଙ୍କ ଜମି ହଡପ କରାଇ, କୋଟି କୋଟି ଟଙ୍କାର ଲାଭ ଉଠାଯାଇ ଏବଂ ଠିକାଦାରୀ ବ୍ୟବସାୟ ମାଧମରେ କେତେକ ଲୋକ ନିଜର ଆର୍ଥିକ ସାମ୍ରାଜ୍ୟ ଗଢ଼ିବା ଯୋଗୁଁ ପ୍ରକୃତ ବିସ୍ଥାପିତ ପରିବାରମାନେ ଉନ୍ନତିରୁ ବଞ୍ଚିତ ହୋଇ ଶୋଷଣର ଶିକାର ହେଉଥିବା ଅଭିଯୋଗ ମଧ କରିଛି ବାସଚ୍ୟୁତ ପରିବାର। ଏ ସବୁ କ୍ଷେତ୍ରରେ ଦୁରେଇ ରୁହନ୍ତୁ , ନହେଲେ ଆଗାମୀ ଦିନରେ ଦୃଢ଼ ପ୍ରତିବାଦ କରାଯିବ ବୋଲି ଚେତାବନୀ ଦେଇଛି ବାସଚ୍ୟୁତ ପରିବାର ।ସୂଚନାଥାଉକି କଳିଙ୍ଗନଗର ଗୁଳିକାଣ୍ଡ ପରେ ବିସ୍ଥାପିତ ପରିବାରମାନଙ୍କ ସାମ୍ନାରେ ଅନେକ ସମସ୍ୟା ଦେଖାଦେଇଥିଲା। ଅଧିକାଂଶ ଲୋକ ବିସ୍ଥାପନକୁ ବିରୋଧ କରିବା ସହ ଉଚିତ ଥଇଥାନ, ତିନି ପିଢ଼ି ପାଇଁ ଚାକିରି ଏବଂ ଜମି ସମସ୍ୟାର ସ୍ଥାୟୀ ସମାଧାନ ଦାବି କରିଥିଲେ।କିନ୍ତୁ ଏହି ଜନସ୍ୱାର୍ଥ ଦାବିଗୁଡ଼ିକୁ ଆଡ଼ କରି କିଛି ସୁବିଧାବାଦୀ ବ୍ୟକ୍ତିଙ୍କୁ ନେଇ 'ବିସ୍ଥାପିତ ପରିବାର ଉନ୍ନୟନ ପରିଷଦ' ଗଠନ କରାଗଲା। ଯେଉଁ ସଂଗଠନ ବିସ୍ଥାପିତଙ୍କ ଉନ୍ନତି ପାଇଁ ଗଠିତ ହେବା କଥା, ସେହି ସଂଗଠନ ଉପରେ ବିସ୍ଥାପିତଙ୍କ ସ୍ୱାର୍ଥକୁ ବଳି ଦେଇ କେତେକ ବ୍ୟକ୍ତିଙ୍କ ସ୍ୱାର୍ଥ ସାଧନର ଅଭିଯୋଗ ଉଠିଲା ।ଏହି ସାମ୍ବାଦିକ ସମ୍ମିଳନୀରେ ବାସଚ୍ୟୁତ କମିଟି ସମ୍ପାଦକ ବାବୁଲି ପୂର୍ତ୍ତୀ, ମହୀରାମ ପୂର୍ତ୍ତି,ସୁକାନ୍ତ ନାୟକ,ଅଜୟ ମହାନ୍ତ ପ୍ରମୁଖ, କେଟୁ ମାଝୀ, ରଥୀଆ ମୁଣ୍ଡା, ପରମେଶ୍ୱର ମହାନ୍ତ ,ରାଜେନ୍ଦ୍ର ପୂର୍ତ୍ତି ଓ ନୀଳାଚଳ ବାସଚ୍ୟୁତ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

## ଦଶପଲ୍ଲା ବିଡିଓଙ୍କ ଗାଡ଼ି ଉପରକୁ ଢେଲାମାଡ ଅଳ୍ପକେ ବର୍ତ୍ତିଲେ ବିଡିଓ ଓ ଚାଳକ

ଦଶପଲ୍ଲା, (ମହାଭାରତ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଅଞ୍ଚଳରେ ଏକ ଚମକାଇଦେବା ଭଳି ଘଟଣା ସାମ୍ନାକୁ ଆସିଛି। ବ୍ଲକ ଉନ୍ନୟନ ଅଧିକାରୀଙ୍କ ସରକାରୀ ଗାଡ଼ି ଉପରକୁ ଅଜଣା ଦୁର୍ବୃତ୍ତ ଢେଲା ମାଡ଼ କରିଛନ୍ତି। ଏହି ସଂଘାତିକ ଆକ୍ରମଣରେ ଗାଡ଼ିର ସମ୍ମୁଖ କାଚ ଭାଙ୍ଗି ଚୂରମାର ହୋଇଯାଇଥିବା ବେଳେ ଗାଡ଼ିରେ ଥିବା ବିଡିଓ ଏବଂ ଚାଳକ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବିଡିଓ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା, ଏସ.ଆଇ.ଆର କାର୍ଯ୍ୟ ଏବଂ ଏକ ଘର ପୋଡ଼ି ଘଟଣାର ତଦାରଖ ସାରି ନିଜ କାର୍ଯ୍ୟାଳୟକୁ ଫେରୁଥିଲେ। ଏହି ସମୟରେ ରାସ୍ତାରେ ହଠାତ୍ ଜଣେ ଅଜଣା ଦୁର୍ବୃତ୍ତ ଗାଡ଼ିକୁ ଲକ୍ଷ୍ୟ କରି ଏକ ପଥର ବା ଢେଲା ଫିଙ୍ଗିଥିଲା। ଢେଲାଟି ସିଧାସଳଖ ଗାଡ଼ିର ଆଗ କାଚରେ ବାଜିବାରୁ କାଚଟି କଣା ହୋଇ ସମ୍ପୂର୍ଣ୍ଣ ଫାଟି ଯାଇଥିଲା। ଗାଡ଼ିର ଗତି ଓ ଆକ୍ରମଣର ଭୟାବହତା ସତ୍ତ୍ୱେ ଚାଳକଙ୍କ ସତର୍କତା ଯୋଗୁଁ ଏକ ବଡ଼ ଦୁର୍ଘଟଣା ଏଡ଼ାଇ ଯାଇଛି। ଏହି ସରକାରୀ ଅଧିକାରୀଙ୍କ ଉପରେ ହୋଇଥିବା ଆକ୍ରମଣ ପଛର ପ୍ରକୃତ କାରଣ ଓ ଉଦ୍ଦେଶ୍ୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଖବର ପାଇ ଦଶପଲ୍ଲା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ସେଠାରୁ ବିଭିନ୍ନ ପ୍ରମାଣ ସଂଗ୍ରହ କରିବା ସହ ଫେରାର ଥିବା ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବା ପାଇଁ ଛାନଭିନ ଚଳାଇଛି। ସ୍ଥାନୀୟ ଅଞ୍ଚଳରେ ଏହି ଘଟଣାକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଛି ।

## ହିନ୍ଦୋଳରେ ୯୪୯୯ ହିତାଧିକାରୀଙ୍କୁ ମିଳୁନି ଭତ୍ତା

ହିନ୍ଦୋଳ, (ମହାଭାରତ) : ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ୩ମାସର ଭତ୍ତା ନପାଇ ଭୋକଉପାସରେ ରହିଛନ୍ତି ବୃଦ୍ଧବୃଦ୍ଧା ମାନେ ।ଖବରରୁ ଜଣାପଡିଛି ହିନ୍ଦୋଳ ନିର୍ବାଚନମଣ୍ଡଳୀ ହିନ୍ଦୋଳବ୍ଲକର ୯୦୨୫ ଓ ଏନଏସି ର ୪୭୪ ପ୍ରାୟ ୯୦୪୯୯ଜଣ ହିତାଧିକାରୀ ଜାତୀୟ ବାର୍ଦ୍ଧକ୍ୟ ପେନସନ(ଇନ୍ଦିରାଗାନ୍ଧୀ ଜାତୀୟ ଭତ୍ତା)ଧାରୀ ହିତାଧିକାରୀଙ୍କୁ ଆଜକୁ ୩ମାସରୁ ଉର୍ଦ୍ଧ ସମୟଧରି ଡିବିଟି ସଂଶୋଧନ ଆଳରେ ସରକାର ଭତ୍ତା ବନ୍ଦକରି ରଖିଛନ୍ତି ଏବଂ ସାମାଜିକ ସହାୟତାରେ ଏକକାଳୀନ ଭତ୍ତା ଦିଆଯିବ କହି ଭଣ୍ଡାଉଛି ସରକାର ।ଦିନକୁଦିନ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟବୃଦ୍ଧି ବଢ଼ାଇ ଚାଲିଥିବାବେଳେ ଇନ୍ଦିରାଗାନ୍ଧୀ ପେନସନ ଯୋଜନାରେ ବହୁ ବୃଦ୍ଧବୃଦ୍ଧା,ବିଧବା,ଭିର୍ଣ୍ଣକ୍ଷମ ଗରିବ ହିତାଧିକାରୀ ୩ମାସର ଭତ୍ତା ନପାଇ ଦହଗଞ୍ଜ ହୋଇ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ଟିକେ କିଣିନପାରି,ମେଡ଼ିସିନ ଟିକେ କିଣିନପାରି ଏବଂ ଖାଇବାକୁ ନପାଇ ମୃତ୍ୟୁକୁ ଏକପ୍ରକାର ଅପେକ୍ଷା କରି ରହିଛନ୍ତି। ଏଠାରେ ସ୍ୱତଃ ଜନସାଧାରଣଙ୍କ ମନରେ ପ୍ରଶ୍ନ ଉଠେ ସରକାରଙ୍କୁ କଣ ଆଉକିଛି ମିଳିଲାନି ଯେ ଶେଷରେ ଗରିବ ବୃଦ୍ଧବୃଦ୍ଧାଙ୍କ ଜୀବନର ରାହା ପାଲଟିଥିବା ଏଇ ସାମାନ୍ୟ ଭତ୍ତାକୁ ଅନ୍ୟାନ୍ୟ ଭଣ୍ଡାମୀ ଭଳି ବିଭିନ୍ନଆଳରେ ବନ୍ଦ କରି ଅସହାୟଙ୍କ ପେଟରେ ଗୋଇଠାମାରି ଆର୍ଥିକ ସମୀକରଣ କରୁଛନ୍ତି ?ସରକାର ନିର୍ବାଚନ ପ୍ରତିଶୃତି ଅନୁଯାଇ ମାସିକ ୩୫୦୦ଭତ୍ତା ତ ଦେଲେନାହିଁ, ୮୦ବର୍ଷ, ୮୦% ଙ୍କୁ କହି ତାବି ନଦେଇ ଭଣ୍ଡାଇ ଦେଲେ। ଆହୁରି ମଧ ନୂଆ ଭତ୍ତା ମଧ ଦୁଇବର୍ଷ ହେଲା ନଦେଇ ବନ୍ଦ କରିଦେଇଛନ୍ତି। ହିନ୍ଦୋଳ ଉପଖଣ୍ଡରେ ପ୍ରାୟ ୫ହଜାରରୁ ଉର୍ଦ୍ଧ ଭତ୍ତା ଆବେଦନକାରି ହିତାଧିକାରୀ ଚାତକପରି ଦୁଇବର୍ଷ ହେଲା ଚାହିଁ ରହିଥିବାବେଳେ କେବଳ ପ୍ରଚାର ମାଧମରେ ବିକାଶ,ଉର୍ନତିର ଡିଣ୍ଡିମ ପିଟି ପ୍ରହସନ ଚଳାଇଛନ୍ତି ବୋଲି କୁହନ୍ତି କ୍ଷୁବ୍ଧ ସାଧାରଣଜନତା।

# ନିପାଣିଆ ଗ୍ରାମରେ ପେସା ଗ୍ରାମସଭା ଅନୁଷ୍ଠିତ, ପେସା ହେଉଛି ଆଦିବାସୀଙ୍କ ରକ୍ଷା କବଚ : ଶ୍ରୀଧର ମୁର୍ମୁ




କରଞ୍ଜିଆ, (ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଠାକୁରମୁଣ୍ଡା ପଞ୍ଚାୟତର ୩ ନମ୍ବର ୱାର୍ଡ ନିପାଣିଆ ଗ୍ରାମରେ ଶୁକ୍ରବାର ପେସା ଗ୍ରାମସଭା ଓ ପେସା ସଚେତନତା କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହିତ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ସମାଜର ପାରମ୍ପରିକ ଅଧିକାର, ସ୍ୱଶାସନ ବ୍ୟବସ୍ଥା ଏବଂ ପେସା ଆଇନ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏହି ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ଗ୍ରାମ ଦେହୁରୀ ରସାନନ୍ଦ ବାନ୍ଦିଆ ଗ୍ରାମର ପ୍ରବେଶ ପଥରେ ସ୍ଥାପିତ ପେସା ସୂଚିତ ଭାରତୀୟ ସମ୍ବିଧାନର ଧାରା–୨୪୪ ସମ୍ବଳିତ ପଥର ନିକଟରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଏହା ପରେ ଗ୍ରାମବାସୀଙ୍କ ଉପସ୍ଥିତିରେ ପେସା ସଚେତନତା ସଭା ଆରମ୍ଭ ହୋଇଥିଲା। ତୁରାମ ସିଂ ବାନ୍ଦିଆଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଗ୍ରାମ ମୁଖିଆ ବିଶ୍ୱନାଥ ବାନ୍ଦିଆଙ୍କ ସହ ମୁଖ୍ୟ ଅତିଥି ଭାବେ ପେସା ଡିଷ୍ଟ୍ରିକ୍ଟ କାଉନସିଲ, ମୟୂରଭଞ୍ଜର ସମ୍ପାଦକ ଶ୍ରୀଧର ମୁର୍ମୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହ ସମ୍ପାଦକ ଶ୍ୟାମସୁନ୍ଦର ଟୁଡୁ, ଉପ-ସମ୍ପାଦକ ରାମଚନ୍ଦ୍ର ହେମ୍ବ୍ରମ, ଗଡେତ ଲକ୍ଷ୍ମଣ ମାର୍ଣ୍ଡି ଏବଂ କୋ-ଅର୍ଡିନେଟର ବାଘରାୟ ମୁର୍ମୁ ପ୍ରମୁଖ ଉପସ୍ଥିତ ରହିଥିଲେ। ସଭାରେ ଅଭିଭାଷଣ ଦେଇ ପେସା ଡିଷ୍ଟ୍ରିକ୍ଟ କାଉନସିଲ ମୟୂରଭଞ୍ଜର ସମ୍ପାଦକ ଶ୍ରୀଧର ମୁର୍ମୁ କହିଥିଲେ ଯେ, ପେସା ଆଇନ ହେଉଛି ଆଦିବାସୀ ସମାଜର ଅଧିକାର, ପରମ୍ପରା, ସଂସ୍କୃତି ଓ ଜଳ-ଜଙ୍ଗଲ-ଜମିର ସୁରକ୍ଷା ପାଇଁ ଏକ ଶକ୍ତିଶାଳୀ ଆଇନଗତ ଅସ୍ତ୍ର। ପେସା ହିଁ ଆଦିବାସୀଙ୍କ ରକ୍ଷା କବଚ ଏବଂ ପେସା ବିନା ଆଦିବାସୀ ସମାଜର ସୁରକ୍ଷା ସମ୍ଭବ ନୁହେଁ। ତେଣୁ ପ୍ରତ୍ୟେକ ଗ୍ରାମବାସୀ ପେସା ଆଇନ ସମ୍ପର୍କରେ ଅବଗତ ହୋଇ ଗ୍ରାମସଭାକୁ ସଶକ୍ତ କରିବା ପାଇଁ ଆଗେଇ ଆସିବା ଆବଶ୍ୟକ। ଏହି ଅବସରରେ ନିପାଣିଆ ପେସା ଗ୍ରାମସଭାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ବିଜୟ ବାନ୍ଦିଆଙ୍କୁ ସଭାପତି, ଚାମ୍ପୁରୁ ବାନ୍ଦିଆଙ୍କୁ ଉପ-ସଭାପତି, ରାମଲାଲ ବାନ୍ଦିଆଙ୍କୁ ସମ୍ପାଦକ, ଲକ୍ଷ୍ମଣ ବାଲିଆଙ୍କୁ ସହ-ସମ୍ପାଦକ ଏବଂ ଶୁଭମ ବାନ୍ଦିଆଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ନବନିର୍ବାଚିତ କର୍ମକର୍ତ୍ତାମାନେ ଗ୍ରାମର ସାମଗ୍ରିକ ବିକାଶ ଓ ପେସା ଆଇନର ସଫଳ କାର୍ଯ୍ୟକାରିତା ପାଇଁ କାମ କରିବାକୁ ସଂକଳ୍ପ ବ୍ୟକ୍ତ କରିଥିଲେ। ସଭାରେ ୱାର୍ଡ ମେମ୍ବର ପ୍ରମିଳା ଲୁଗୁନ, ଅମରେନ୍ଦ୍ର କୁଦାଦାଙ୍କ ସମେତ ବହୁ ଗ୍ରାମବାସୀ ଓ ପେସା ସମର୍ଥକ ଉପସ୍ଥିତ ଥିଲେ। ସମସ୍ତେ ପେସା ଆଇନର ସଠିକ୍ ପ୍ରୟୋଗ ଏବଂ ଗ୍ରାମସଭାର ସଶକ୍ତିକରଣ ଉପରେ ମତାମତ ରଖିଥିଲେ। ଶେଷରେ ମନୋଜ ବାନ୍ଦିଆ ସମସ୍ତ ଅତିଥି, ଗ୍ରାମବାସୀ ଓ ଉପସ୍ଥିତ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଥିଲେ। ଧନ୍ୟବାଦ ଅର୍ପଣ ପରେ ସଭାର ସମାପନ ଘୋଷଣା କରାଯାଇଥିଲା। ନିପାଣିଆ ଗ୍ରାମରେ ଅନୁଷ୍ଠିତ ଏହି ପେସା ଗ୍ରାମସଭା ଆଦିବାସୀ ସମାଜ ମଧ୍ୟରେ ପେସା ଆଇନ ସମ୍ପର୍କିତ ସଚେତନତା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସ୍ଥାନୀୟ ଲୋକମାନେ ମତ ପ୍ରକାଶ କରିଛନ୍ତି।

## ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଶୁଭାରମ୍ଭ

ଗଜପତି, (ମହାଭାରତ) : ପାରଳାଖେମୁଣ୍ଡି ବିଜୁ କଲ୍ୟାଣ ମଣ୍ଡପ ଠାରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଓ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଶୁଭାରମ୍ଭ ହୋଇଛି। ହିତାଧିକାରୀଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମୁଣ୍ଡପିଛା ପ୍ରତିମାସରେ ୫ କିଲୋ ଚାଉଳ ପାଉଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଆହୁରି ଅତିରିକ୍ତ ୫ କିଲୋ ଚାଉଳ ପ୍ରଦାନ କରାଯିବ। ଯୋଗ୍ୟ ହିତାଧିକାରୀଙ୍କୁ ଅପ୍ରେଲରୁ ମୁଣ୍ଡପିଛା ପାଇବେ ୧୦ କିଲୋ ଚାଉଳ ସମ୍ପୂର୍ଣ୍ଣ ମାଗଣା ଦିଆଯିବ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଧାୟକ ପାରଳାଖେମୁଣ୍ଡି ରୂପେଶ କୁମାର ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବିଧାୟକ ମୋହନା ଦାଶରଥି ଗମାଙ୍ଗ, ଜିଲ୍ଲାପରିଷଦ ସଭାପତି ଜି.ତିରୁପତି ରାଓ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, କାଶୀନଗର ପଞ୍ଚାୟତ ସମିତି ଅଧକ୍ଷା ବାଲା ସାୟମା, ଗୁମ୍ମା ପଞ୍ଚାୟତ ସମିତି ଅଧକ୍ଷା ସୁନେମୀ ମଣ୍ଡଳ, ସାଂସଦ ପ୍ରତିନିଧି ଡି.ରାଜେଶ, ଗୁମ୍ମା ଜିଲ୍ଲାପରିଷଦ ସଭ୍ୟା ରେଣୁକା ପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ।

## ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାର ପକ୍ଷରୁ ଦୁଇ ସ୍ତରୀୟ ବିପତ୍ତି କାଳୀନ ଅଭ୍ୟାସକୌଶଳ




ପାରାଦୀପ, (ମହାଭାରତ) : ଆଇଓସିଏଲ ପାରଦୀପ ତୈଳ ବିଶୋଧନାଗାର ପକ୍ଷରୁ ଏକ ୨ ସ୍ତରୀୟ ଅଭ୍ୟାସ କୌଶଳ ଜୁନ ୧୨ ତାରିଖ ଶୁକ୍ରବାର ଦିନ ଆୟୋଜିତ ହୋଇଯାଇଛି । ଏଥିରେ ତୈଳ ବିଶୋଧନାଗାରର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବ ପରୀକ୍ଷା କରାଯାଇଥିଲା । ପାରାଦୀପ ରିଫାଇନେରୀ ଅନୁରମାଦତି ଏମର୍ଜେନ୍ସି ରେସପନସ୍ ଆଣ୍ଡ୍ ଡିଜାଷ୍ଟର୍ ମ୍ୟାନେଜମେଣ୍ଟ ପ୍ଲାନ (ଇଆରଡିଏମପି) ସମୀକ୍ଷକଙ୍କ ଉପସ୍ଥିତିରେ ଏହି ଅଭ୍ୟାସ କୌଶଳ ବା ମକ ଡ୍ରିଲ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମ୍ୟୁଚୁଆଲ ଏଡ୍ ସଂସ୍ଥାର ପ୍ରତିନିଧିମାରନ ଅଂଶଗ୍ରହଣ କରିଥିଲେ । ପାରାଦୀପ ରିଫାଇନେରୀର ପ୍ରଲିପ୍ରପିଲିନ (ପିପି) ୟୁନିଟ ରୁ ପ୍ରପିଲିନ ଲିକେଜ ହୋଇ ଅଗ୍ନିକାଣ୍ଡ ଘଟିଲେ, ତାହାକୁ ସଫଳତାର ସହିତ କିପରି ମୁକାବିଲା କରିହେବ ତାହା ଉପରେ ଏହି ମକଡ୍ରିଲ୍ ଆଧାରିତ ଥିଲା। ଏଥିରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପରିଚାଳନା ଯୋଜନାର ବ୍ୟବହାରିକ ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ଗୁଡକି ସଠିକ ଭାବରେ ସମନ୍ୱିତ କରାଯାଇଥିଲା ଏବଂ ଏହାକୁ ସମସ୍ତ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ । ଏହି ଅବସରରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ମୂଖ୍ୟ କୌଶିକ ବସୁ ଙ୍କ ଅଧେତାରର ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା ।

## ଆକ୍ସନ ମୋଡରେ ରାଇଘର ତହସିଲଦାର

ରାଇଘର, (ମହାଭାରତ) : ରାଇଘର ବ୍ଲକରେ ଆକ୍ସନ ମୋଡରେ ରାଇଘର ତହସିଲଦାର ମନମୋହନ ସାହୁ। ବେଆଇନ ବାଲି ଉତ୍ତୋଳନ ଓ ଚୋରାଚାଲାଣ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।ପଡୋଶୀ ରାଜ୍ୟ ଛତିଶଗଡ଼ ରୁ ବହୁ ମାତ୍ରାରେ ବାଲି ଆସୁଥିବା ବେଳେ ସୂଚନା ଅନୁସାରେ ରାଇଘର ତହସିଲଦାର ମନମୋହନ ସାହୁ ଆଜି ଅପରାହ୍ନ ୪ଟା ରେ ଶବ ବ୍ୟବଛେଦ ଗୃହ ର ନିକଟରେ ବାଲି ବୋଝେଇ ଦୁଇଟି ହାଇୱା ଗାଡି ଯାହାର ନମ୍ବର (ସିଜୀ ୨୭ ଏନ ୪୪୩୫ ସିଜୀ ୦୪ ବିପି ୪୪୩୫) ନମ୍ବର ବିଶିଷ୍ଟ ହାଇୱା ଦୁଇ ଟି ବେଆଇନ ଭାବେ ବାଲି ଚାଲାଣ କରୁଥିବା ବେଳେ ଜବତ କରିଥିବା ଜଣାପଡିଛି।

## ପାରାଦୀପ ଟ୍ରେଲର ମିଳିତ ସମନ୍ୱୟ କମିଟିର ସାଧାରଣ ସଭା




ପାରାଦୀପ, (ମହାଭାରତ) : ପାରାଦୀପ ଟ୍ରେଲର ଓ ଗ୍ୟାସ ଟ୍ୟାଙ୍କର ଓନର୍ସ ଆସୋସିଏସନ, ପାରାଦୀପ ଟ୍ରେଲର ଓନର୍ସ ଆସୋସିଏସନ ଏବଂ ପ୍ରକୃତି କଣ୍ଟେନର କ୍ୟାରିଅର ଓନର୍ସ ଆସୋସିଏସନ ନେଇ ଗଠିତ ମିଳିତ ସମନ୍ୱୟ କମିଟି (ଜେସିସି) ର ଏକ ସାଧାରଣ ସଭା ସ୍ଥାନୀୟ ପୋର୍ଟ କ୍ଲବ ପରିସରରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ସମନ୍ୱୟ କମିଟି ର ସଭ୍ୟ ପ୍ରକାଶ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ କମିଟିର ଅଧକ୍ଷ ପ୍ରକାଶ ତ୍ରିପାଠୀ ଯୋଗଦେଇ କହିଥିଲେ ଯେ ବର୍ତ୍ତମାନ ଟ୍ରକ ପରିବହନ ବହୁ ମାତ୍ରାରେ ହ୍ରାସ ପାଇଥିବା ବେଳେ ଏବେ ପାରାଦୀପ ବନ୍ଦରରେ କଣ୍ଟେନର ପଣ୍ୟ ର ଚାହିଦା ବୃଦ୍ଧି ପାଇଛି । ସେହି ଦୃଷ୍ଟିରୁ ଆଗାମୀ ଦିନରେ ଟ୍ରେଲର ବ୍ୟବସାୟୀ ମାନେ ବେସ ଉପକୃତ ହେବେ ବୋଲି ସମନ୍ୱୟ କମିଟିର ଅଧକ୍ଷ ପ୍ରକାଶ ତ୍ରିପାଠୀ ସୂଚନା ଦେବା ସହ ଗାଡି ମାଲିକ ମାନେ ସ୍ୱାର୍ଥ ହାସଲ ପାଇଁ ନିଜ ମଧରେ ଏକତା ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ମଧ ପ୍ରାଚ୍ୟରେ ଯୁଦ୍ଧ ଚାଲୁଥିବା ହେତୁ ତେଲ ଦର ଅହେତୁକ ମାତ୍ରାରେ ବଢ଼ି ଚାଲିଥିବାରୁ ଗାଡି ଭଡା ବୃଦ୍ଧି ହେତୁ ସଂଘର ସଭ୍ୟ ତୁଷାରକାନ୍ତ ଭୋଇ ବର୍ଦ୍ଧିତ ମୂଲ୍ୟ ବିଷୟରେ ସଭାକୁ ଅବଗତ କାରାଇଥିଲେ । କମିଟିର କୋଷାଧକ୍ଷ ନଗେନ୍ଦ୍ର କୁମାର ରାଉତ ବାର୍ଷିକ ଆୟ ବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ । ସେହିପରି ସଭ୍ୟ ମନୋଜ କୁମାର ସ୍ୱାଇଁ ସଂଘର ଭାଇଚାରା ଆଖୁର୍ଣ୍ଣ ରଖି କାର୍ଯ୍ୟ କରିବାକୁ ନିବେଦନ କରିଥିଲେ । ଅନ୍ୟମାନଙ୍କ ମଧରେ ତିନି ସଂଘର କର୍ମକର୍ତ୍ତା ଆଲୋକ ରଞ୍ଜନ ଦାଶ, ଶ୍ରୀକାନ୍ତ କୁମାର ସାମଲ, ଅରୀକ୍ଷିତ ମାଝୀ, ଅରୁଣ କୁମାର ମଙ୍ଗରାଜ, ସତ୍ୟଜିତ ପ୍ରଧାନ, ଆଶୁତୋଷ ସ୍ୱାଇଁ, ନିରଂଜନ ବେହେରା, ଜୟପ୍ରକାଶ ସ୍ୱାଇଁ, ରବି ନାରାୟଣ ପ୍ରଧାନ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଶେଷରେ ଜେସିସି ର ସଭ୍ୟ କର୍ମେଶ୍ୱର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନିମ୍ନମାନ ରାସ୍ତା କାମ ପାଇଁ ଭିଜିଲାନ୍ସ କୁ ଅଭିଯୋଗ

କାକଟପୁର, (ମହାଭାରତ) : ପୁରୀ ଜିଲ୍ଲା କାକଟପୁର ବ୍ଲକରେ ଚାଲିଥିବା ସଙ୍ଗଠିତ ଦୁର୍ନୀତି ଏବଂ ସରକାରୀ ଅର୍ଥ ହରିଲୁଟ୍ ?ର ସୀମା ପାର ହୋଇଛି। କାମ ନ ଦେଖି ଏବଂ କାର୍ଯ୍ୟକ୍ଷେତ୍ରରେ କୌଣସି ପ୍ରକାରର ବାସ୍ତବ ମାପ ନ ନେଇ, କନିଷ୍ଠ ଯନ୍ତ୍ରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନେ ଆଖିବୁଜି ମିଥ୍ୟା ବିଲ୍ ପ୍ରସ୍ତୁତ କରୁଥିବା ନେଇ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି। କୁଣ୍ଢେଇ ପଞ୍ଚାୟତର ସିମେଣ୍ଟ ରାସ୍ତା ନିର୍ମାଣରେ ହୋଇଥିବା ମହାଘୋଟାଲା ବିରୁଦ୍ଧରେ ଗତକାଲି କୁଣ୍ଢେଇ ପଞ୍ଚାୟତ ବାସୀ ଙ୍କ ତରଫରୁ ସିଧାସଳଖ ଭିଜିଲାନ୍ସ ବିଭାଗ ନିକଟରେ ଫେରାଦ ହେବା ପରେ, ସାରା ବ୍ଲକ ପ୍ରଶାସନରେ ହଲଚଲ ସୃଷ୍ଟି ହୋଇଛି। ଭୟରେ ଆଜି ସକାଳୁ ସକାଳୁ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ଯ୍ୟସ୍ଥଳୀକୁ ଦୌଡ଼ି ଆସି ତରବରିଆ ଭାବେ ରାସ୍ତାର ପୁନଃ-ମାପ ନେଉଥିବା ଦେଖିବାକୁ ମିଳିଛି,ଉପରିସ୍ଥ ଅଧିକାରୀ ଓ ସତର୍କତା ବିଭାଗର ଆକ୍ରୋଶରୁ ବଞ୍ଚିବା ପାଇଁ, ଅସମ୍ପୂର୍ଣ୍ଣ କାମକୁ ପୁନର୍ବାର କରାଯିବ ବୋଲି ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ସ୍ଥାନୀୟ ଲୋକଙ୍କ ଆଗରେ ସଫେଇ ଦେଉଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ, ଯଦି ବାସ୍ତବରେ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇନଥିଲା, ତେବେ କେଉଁ ନିୟମ ଆଧାରରେ କାଗଜପତ୍ରରେ ଏହାକୁ ସମ୍ପୂର୍ଣ୍ଣ ଦର୍ଶାଯାଇ ଚୂଡ଼ାନ୍ତ ବିଲ୍ ପାସ୍ କରାଗଲା ?

# ଏମଏସଡିଇର ନ୍ୟାଶନାଲ ଗ୍ରେଡିଂ ୨୦୨୬-୨୭ରେ ଡାଲମିଆ ଇଣ୍ଡଷ୍ଟ୍ରିଆଲ ଟ୍ରେନିଙ୍ଗ ଇନ୍ଷ୍ଟିଚ୍ୟୁଟ ରାଜଗାଙ୍ଗପୁରକୁ ମିଳିଛି ଭାରତର ଏକ ନମ୍ବର ବେସରକାରୀ ଆଇଟିଆଇର ମାନ୍ୟତା



ରାଜଗାଙ୍ଗପୁର, (ଅଟଳ ବିହାରି ପଣ୍ଡା) : ଭାରତର ଅନ୍ୟତମ ପ୍ରମୁଖ ସିମେଂଟ କମ୍ପାନୀ ଡାଲମିଆ ସିମେଂଟ (ଭାରତ) ଲିମିଟେଡ ଏହା ଘୋଷଣା କରି ଗର୍ବିତ ଯେ, ଏହାର ଓଡିଶାର ରାଜଗାଙ୍ଗପୁରସ୍ଥିତ ଡାଲମିଆ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ଇନ୍ଷ୍ଟିଚ୍ୟୁଟ (ଆଇଟିଆଇ)କୁ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟୋଗିକତା ମନ୍ତ୍ରଣାଳୟ (ଏମଏସଡିଇ) ଦ୍ୱାରା ୨୦୨୬-୨୭ ଶିକ୍ଷା ବର୍ଷ ପାଇଁ ପରିଚାଳିତ ଅଲ୍ ଇଣ୍ଡିଆ ଆଇଟିଆଇ ଗ୍ରେଡିଂରେ ଭାରତର ଏକ ନମ୍ବର ବେସରକାରୀ ଆଇଟିଆଇର ମାନ୍ୟତା ଦିଆଯାଇଛି। ଏହି ଶିକ୍ଷାନୁଷ୍ଠାନ ଦେଶର ମୋଟ ୧୪୬୧୭ଟି ସରକାରୀ ଓ ବେସରକାରୀ ଆଇଟିଆଇଗୁଡିକ ମଧ୍ୟରେ ୨ୟ ସ୍ଥାନରେ ରହିବା ସହ ୧୦ରୁ ୯.୭ର ଏକ ଉଲ୍ଲେଖନୀୟ ସ୍କୋର ହାସଲ କରିଛି। ଏହି ନୂତନ ସ୍ୱୀକୃତି ଶିକ୍ଷାନୁଷ୍ଠାନର ଉତ୍କର୍ଷତାର ମଜବୁତ ଟ୍ରାକ ରେକର୍ଡ ଯୋଗୁଁ ସମ୍ଭବ ହୋଇଛି, ଯାହା ପୂର୍ବରୁ ୨୦୨୪-୨୫ଆର୍ଥିକ ବର୍ଷରେ ଭାରତରେ ବେସରକାରୀ ଆଇଟିଆଇଗୁଡିକ ମଧ୍ୟରେ ୨ୟ ସ୍ଥାନରେ ରହିଥିଲା। ଚଳିତ ବର୍ଷ ଶୀର୍ଷ ସ୍ଥାନକୁ ଏହାର ଉତ୍ଥାନ ଗୁଣାତ୍ମକ ତାଲିମ, ଶିଳ୍ପ ପ୍ରାସଙ୍ଗିକତା ଓ ଶିକ୍ଷାର୍ଥୀଙ୍କ ସଫଳତା ଉପରେ ଏକ ସ୍ଥାୟୀ ଗୁରୁତ୍ୱକୁ ପ୍ରତିଫଳନ କରୁଛି। ଏହି ଶିକ୍ଷାନୁଷ୍ଠାନ ଫିଟର, ଇଲେକ୍ଟ୍ରିସିଆନ, ମେକାନିଷ୍ଟ, ୱେଲ୍ଡର, କମ୍ପ୍ୟୁଟର ଅପରେଟର ଓ ପ୍ରୋଗ୍ରାମିଙ୍ଗ ଆସିଷ୍ଟାଂଟ (ସିଓପିଏ) ଏବଂ ସୋଲାର ଟେକ୍ନିସିଆନ ସମେତ ବିଭିନ୍ନ ଟ୍ରେଡରେ ବୈଷୟିକ ତାଲିମ ପ୍ରଦାନ କରୁଛି। ଏକ ଉଲ୍ଲେଖନୀୟ ସଫଳତାରେ ଗତ ଦୁଇ ବର୍ଷରେ ନାମ ଲେଖାଇଥିବା ୧୩% ପ୍ରାର୍ଥୀ ମହିଳା ଥିବା ବେଳେ ୮୪% ପ୍ରାର୍ଥୀ ଅନୁସୂଚିତ ଜନଜାତି (ଏସଟି) ସମୁଦାୟର ଥିଲେ। ଏହି ସଫଳତାକୁ ପାଳନ କରିବା ପାଇଁ କମ୍ପାନୀ ଅଧିକାରୀଙ୍କ ଉପସ୍ଥିତିରେ ଡିସିବିଏଲ ପକ୍ଷରୁ ଶିକ୍ଷାନୁଷ୍ଠାନର ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସମାରୋହର ଆୟୋଜନ କରାଯାଇଥିଲା, ଯାହା ଏହି ଜାତୀୟ ସ୍ୱୀକୃତି ହାସଲ କରିବାରେ ସେମାନଙ୍କର ସାମୂହିକ ପ୍ରୟାସକୁ ସ୍ୱୀକୃତି ପ୍ରଦାନ କରିଛି। ଏହି ସଫଳତା ସମ୍ପର୍କରେ ଡିସିବିଏଲର କାର୍ଯ୍ୟକାରୀ ନିର୍ଦ୍ଦେଶକ ଏବଂ ରାଜଗାଙ୍ଗପୁର, ୟୁନିଟ୍ ମୁଖ୍ୟ ଚେତନ ଶ୍ରୀବାସ୍ତବ କହିଛନ୍ତି, "ଏହି ସ୍ୱୀକୃତି ଡାଲମିଆ ଭାରତ ପାଇଁ ଏକ ଗୌରବମୟ ସଫଳତା ଏବଂ ଆମର ଛାତ୍ରଛାତ୍ରୀ, ପ୍ରଶିକ୍ଷକ ଓ ଶିଳ୍ପ ସହଯୋଗୀଙ୍କ ଉତ୍ସର୍ଗୀକୃତତାର ଏକ ପ୍ରମାଣ। ଭାରତର ଶୀର୍ଷ ବେସରକାରି ଆଇଟିଆଇ ଭାବେ ସ୍ଥାନିତ ହେବା, ଯୁବପିଢି, ବିଶେଷ କରି ମହିଳା ଓ ଅଣସଂରକ୍ଷିତ ସମୁଦାୟଗୁଡିକ ପାଇଁ ନିରନ୍ତର ସୁଯୋଗ ପ୍ରଦାନ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ କରିଛି,ଏଥିସହିତ ଭାରତର ଦକ୍ଷତା ଇକୋସିଷ୍ଟମକୁ ମଜବୁତ କରୁଛି ଓ ଦେଶ ପାଇଁ ଏକ ଭବିଷ୍ୟତ-ପ୍ରସ୍ତୁତ କର୍ମବଳ ସୃଷ୍ଟି କରୁଛି।" ଭାରତ ଏହାର ଦକ୍ଷତା ଓ ଉତ୍ପାଦନ ଲକ୍ଷ୍ୟଗୁଡିକୁ ଆଗକୁ ବଢାଇବା ଜାରି ରଖିଥିବାରୁ, ଡାଲମିଆ ଭାରତ ଶିଳ୍ପ-ସମନ୍ୱିତ ଧନ୍ଦାମୂଳକ ଶିକ୍ଷା ମାଧ୍ୟମରେ ଯୁବପିଢିଙ୍କୁ ସଶକ୍ତ କରିବା ଏବଂ ଆସନ୍ତାକାଲିର ସୁଯୋଗଗୁଡିକ ପାଇଁ ସୁସଜ୍ଜିତ ଏକ କର୍ମବଳ ଗଠନ କରିବା ପାଇଁ ପ୍ରତିବଦ୍ଧ ରହିଛି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ରାସ୍ତାରେ ବୁଲିଲେ, ଲୁଟିଲେ ସୁନା ଅଳଙ୍କାର ଓ ଟଙ୍କା



କପ୍ତିପଦା (ମହାଭାରତ): ଆସିଲେ ଘର ସାମ୍ନା ରାସ୍ତାରେ ବୁଲିଲେ, ଘରୁ ମହିଳା ବାହାରିଯିବା ଦେଖିବା ପରେ କିଛି କ୍ଷଣରେ ଲୁଟିନେଲେ। ଏଭଳି ଘଟଣା ଘଟିଛି ଉଦଳା ଥାନା ୱାର୍ଡ ନମ୍ବର ୧୦ ରେ। ୱାର୍ଡ ବାସିନ୍ଦା ପି ଜ୍ୟୋତି ରଞ୍ଜନ ପାତ୍ରଙ୍କ ସ୍ତ୍ରୀ ଘରେ ଥିଲେ। ହେଲେ କିଛି କମ ପାଇଁ ରାତି ସମୟରେ ଘର ବାହାରକୁ ନିଜ ସ୍କୁଟି ନେଇ ଯାଇଥିଲେ। ଲୁଟେରାମାନେ କିଛି ସମୟ ଧରି ତାଙ୍କ ଘର ସାମ୍ନା ରାସ୍ତାରେ ବୁଲିଥିଲେ। ଜ୍ୟୋତି ରଞ୍ଜନ ପାତ୍ର ଙ୍କ ସ୍ତ୍ରୀ ନିଜ ସ୍କୁଟିରେ ବଜାର ଯାଇଥିଲେ ଏବଂ ଏକ ଘଣ୍ଟା ପରେ ଘରକୁ ଫେରିଥିଲେ। ଘରକୁ ଫେରିବା ପରେ ଘରୁ ଲୁଟ ହୋଇଥିବା ଜାଣିବାକୁ ପାଇଥିଲେ। ଲୁଟେରାମାନେ ଘର ଗଡ଼ରେଜ ଭାଙ୍ଗି ସେଥିରେ ଥିବା ୨୦ ହଜାର ନଗଦ ଟଙ୍କା ସହିତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିବା ଜାଣିବାକୁ ପାଇଥିଲେ। ପରେ ଏ ନେଇ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହା ସହିତ ଲୁଟେରା ଦୁଇ ଜଣ ପ୍ରଥମେ ତାଙ୍କ ଘର ସାମ୍ନାରେ ବୁଲିବା ପରେ ଛାତ ଦେଇ ଘର ଭିତରକୁ ପଶି ଲୁଟ କରିଥିବା ଜାଣିବାକୁ ପାଇଛନ୍ତ।

### ବିପଦକୁ ଆମନ୍ତ୍ରଣ

## ଆରଡି ରାସ୍ତାକଡ଼ରେ ବଡ ଧରଣର ଗାତ

ବାଲିଶଙ୍କରା: ବାଲିଶଙ୍କରା ଭାଟିପଡାରୁ ଶାଗବାହାଲକୁ ସଂଯୋଗ କରୁଥିବା ରାସ୍ତାଟି ଆରଡ଼ି ଅଧୀନରେ ଥିବାବେଳେ ଏହି ରାସ୍ତାରେ ବସ, ଭାରୀଯାନ, ଜନସାଧାରଣ, ଗାଡିମଟର, ଛାତ୍ରଛାତ୍ରୀମାନେ ନୀତିଦିନ ଯିବାଆସିବା କରିଥାନ୍ତି ହେଲେ ଦୁଃଖର ବିଷୟ କି, ଗଇକନପାଲି ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ସମ୍ମୁଖରେ ଥିବା ରାସ୍ତାକଡରେ ବଡ଼ ଧରଣର ଗାତ ସୃଷ୍ଟି ହୋଇ ଅନାବନା ଗଛଲତାରେ ଢାଙ୍କି ହୋଇଯାଇଛି ଉକ୍ତ ଖାଲରେ ଅନେକ ଦୁର୍ଘଟଣା ହୋଇ ଗୁରୁତର ହେଉଥିବା ଗ୍ରାମବାସୀ ମତ ଦେଇଛନ୍ତି। ଏବେଠୁ ଏହାକୁ ମରାମତି କରାନଯାଏ ତାହେଲେ ବର୍ଷା ଦିନରେ ରାସ୍ତାଟି ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯିବାର ସମ୍ଭାବନା ରହିଛି । ସେହିପରି ରାମପୁର ଛକ ଠାରୁ ଧୁଡିନୂଆଗାଁ ଦେଇ କୁରେଇକୁ ଯାଇଥିବା ଆରଡି ରାସ୍ତା ଉପରେ ୮ ଖଣ୍ଡ ଗ୍ରାମବାସୀ ଯିବାଆସିବା କରିଥାନ୍ତି। ହେଲେ ଦୁଃଖର ବିଷୟ ଯେ, ଗ୍ରାମ ମଝିରେ ଏକ ପୋଲ ଉପରେ ବଡ଼ ଧରଣର ଗାତ ହୋଇ ଲୁହାଛଡ଼ ବାହାରି ଦେଖାଯାଇଛି । କେଉଁ ସମୟରେ ଅଘଟଣ ନହେବ କହି ହେଉନାହିଁ ଏଣୁ ପ୍ରଶାସନ ବେଳ ଥାଉ ମରାମତି ନକଲେ ଅଘଟଣକୁ ଏଡ଼ାଇ ଦିଆଯାଇନପାରେ ବୋଲି ଅଂଚଳରେ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।





## ମଦ ବନ୍ଦକୁ ନେଇ ମହିଳାଙ୍କ ମହାମେଳି



ନବରଙ୍ଗପୁର(ମହାଭାରତ): ମଦ ବନ୍ଦକୁ ନେଇ ମହିଳାଙ୍କ ମହା ମେଳି,ଏକାଠି ହେଲେ ହଜାର ହଜାର ଠେଙ୍ଗା ଧାରିଣୀ ମହିଳା।ଇତିହାସ ରେ ପ୍ରଥମଥର ଜିଲ୍ଲାରେ ମଦ ବନ୍ଦ କୁ ନେଇ ତାତିଲେ ମହିଳା। ନବରଙ୍ଗପୁର ଜିଲ୍ଲାରେ ମଦ ବିରୋଧୀ ଅଭିଯାନ ତୀବ୍ର ରୂପ ନେବାରେ ଲାଗିଛି।ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ମଦ ବନ୍ଦ କୁ ନେଇ ମହିଳା ମାନେ ଆନ୍ଦୋଳନ ଜୋରଦାର କରୁଥିବା ବେଳେ ଆଜି ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଚିତ୍ରକୋଟ ଗ୍ରାମଠାରେ ଜିଲ୍ଲା ନାରୀ ମହାସଂଘ ଆହ୍ୱାନ କ୍ରମେ ୫ହଜାର ରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ।ଚିତ୍ରକୋଟ ଠାରୁ ଅଞ୍ଚଳଗୁମା ପର୍ଯ୍ୟନ୍ତ ମହିଳା ମାନେ ହାତରେ ଠେଙ୍ଗା ଧରି ନବରଙ୍ଗପୁର ଜିଲ୍ଲାନାରୀ ଏକତା ଜିନ୍ଦାବାଦ,ମଦ ବନ୍ଧ କର ,ମଦ ବନ୍ଧ କର ବୋଲି ବିଭିନ୍ନ ନାରା ଦେବା ସହ ଏକ ବିଶାଳ ସଭାଯାତ୍ରା ବାହାରିଥିଲା।ମଦ ବିକ୍ରି ହେବା ଦ୍ୱାରା ଅନେକ ଲୋକ ମୃତ୍ୟୁବରଣ କରିଥିବା ବେଳେ ପରିବାର ମଧ୍ୟରେ ଅଶାନ୍ତି ଲାଗି ରହୁଛି।ଅନେକ ଧନ ଜୀବନ ନଷ୍ଟ ହେଉଛି ସେଥିଯୋଗୁଁ ଜିଲ୍ଲାରେ ସମ୍ପୂର୍ଣ୍ଣ ମଦ ବନ୍ଧକୁ ନେଇ ନାରୀ ମହାସଂଘ ମୁଣ୍ଡ ଟେକିଛି।ଏହି ଅବସରରେ ଜିଲ୍ଲା ନାରୀ ମହାସଙ୍ଘ ସଭାପତି ଶ୍ରୀମତୀ ଭାତରା,ଉପଦେଷ୍ଟା ରାଜେଶ ଜାନୀ, ଦେବରାଜ୍ ନାଗ,ଦୟାନିଧି ସୁନା,କାଦମ୍ବିନୀ ତ୍ରିପାଠୀ ପ୍ରମୁଖଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବା କୁ ନେଇ ସୁରକ୍ଷାକୁ ଦୃଷ୍ଟିରେ ରଖି ତେନ୍ତୁଳିଖୁଣ୍ଟି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କୁ କଡାକଡି କରାଯାଇଥିଲା।

## ଢେଙ୍କାନାଳ ଏସପି କାର୍ଯ୍ୟାଳୟରେ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ

ଢେଙ୍କାନାଳ: ପୁଲିସ ନିର୍ଯାତନା ବିରୁଦ୍ଧରେ ଅଭିଯୋଗ କରି ପେଟ୍ରୋଲ ଢାଳିହେଲେ ବାପା, ପୁଅ। ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ଭାପୁର ଫାଣ୍ଡି ରାଣୀପାଳ ଗାଁର ଆଇନ ଛାତ୍ର ସରୋଜ ରାଉତ ଓ ତାଙ୍କ ବାପା ପଦ୍ମନାଭ ରାଉତ। ମଧୁସୂଦନ ଲ'କଲେଜରେ ଲ' ଦ୍ୱିତୀୟ ବର୍ଷ ଛାତ୍ର ହେଉଛନ୍ତି ସରୋଜ। ପୈତୃକ ସମ୍ପତ୍ତିକୁ ନେଇ ଜମିଜମା ବିବାଦ ଲାଗି ରହିଥିଲା।ଉଭୟ ପକ୍ଷରୁ ଏ ସମ୍ପର୍କରେ ଭାପୁର ଫାଣ୍ଡି ପୁଲିସକୁ ଅବଗତ କରାଯାଇଥିଲା। ହେଲେ, ସମ୍ପୃକ୍ତ ପୁଲିସ ଅଧିକାରୀ ଏକପାଖିଆ ବିଚାର କରି ଆଇନ ଛାତ୍ର ସରୋଜ ଓ ତାଙ୍କ ପରିବାର ନାଁରେ ମାମଲା କରିଛି । ଯେଉଁଥିପାଇଁ ତାଙ୍କରଶିକ୍ଷାଗତକ୍ୟାରିୟରକୁ ନଷ୍ଟ କରାଯାଉଛି । ପୁଲିସର ଅତ୍ୟଧିକ ନିର୍ଯାତନା ସହି ନ ପାରି ଆଜିଢେଙ୍କାନାଳ ଏସ୍ପିଅଫିସ୍ ରେ ନିଜ ଦେହରେ ପେଟ୍ରୋଲ ଢାଳି ହୋଇ ପଡିଥିଲେ ଉଭୟ ବାପାପୁଅ । କାର୍ଯ୍ୟାଳୟ ପରିସରରେ ଥିବା କର୍ମଚାରୀଙ୍କ ହସ୍ତକ୍ଷେପ ଯୋଗୁଁ ଏକ ବଡ଼ ଅଘଟଣରୁ ବର୍ତ୍ତି ଯାଇଛନ୍ତି ଉଭୟ । ସେମାନଙ୍କୁ ଉଦ୍ଧାର କରାଯାଇ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।



## ସହରାଞ୍ଚଳ ଜନସମ୍ପର୍କ କାର୍ଯ୍ୟକ୍ରମ' ଆରମ୍ଭ

ଦଶପଲ୍ଲା(ମହାଭାରତ) : ଦଶପଲ୍ଲା ଏନଏସି ପକ୍ଷରୁ ଆରମ୍ଭ ହୋଇଛି 'ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗୀଦାରୀ କାର୍ଯ୍ୟକ୍ରମ' ପ୍ରଥମ ଦିନରେ ୧ ନମ୍ବର ଓ ୧୦ ନମ୍ବର ୱାର୍ଡରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଇତ୍ୟବସରରେ ସରକାରଙ୍କ ବିଭିନ୍ନ ଯୋଜନାର ସମ୍ବନ୍ଧରେ ଜନସାଧାରଣଙ୍କୁ ସବିଶେଷ ଅବଗତ କରାଯଇଥିଲା। ବିଶେଷ କରି ସହରର ବିକାଶ ପ୍ରକ୍ରିୟାରେ ନାଗରିକମାନଙ୍କର ସକ୍ରିୟ ଭାଗୀଦାରୀ ଉପରେ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା ୧ନମ୍ବର ଏବଂ ୧୦ନମ୍ବର କାଉନସିଲର ଙ୍କ ପ୍ରଚେଷ୍ଟା ରେ ଏନ୍‌ଏସି ଅଧକ୍ଷା ପୁନମ୍ ପ୍ରିୟଦର୍ଶିନୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଉପାଧକ୍ଷ କିଶୋର ଚନ୍ଦ୍ର ଦାଶ, ଓ ଏନ୍‌ଏସି କର୍ମଚାରୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା

## ଆଦିବାସୀ ମହିଳାଙ୍କ ଜୀବିକା ବିକାଶ ପାଇଁ ଆଇସିଏଆର ପକ୍ଷରୁ ପ୍ରଶିକ୍ଷଣ

ମୋହନା(ମହାଭାରତ): ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ଲବାରସିଂ ପଞ୍ଚାୟତ ଅନ୍ତର୍ଗତ ଲମ୍ବଦା ଗ୍ରାମରେ ଆଦିବାସୀ ମହିଳାଙ୍କ ଆର୍ଥିକ ସଶକ୍ତିକରଣ ଏବଂ ଜୀବିକା ବିକାଶକୁ ଲକ୍ଷ୍ୟ କରି ଆଇ ସି ଏ ଆର ଏବଂ ସି ଆଇ ଡବ୍ଲୁ ଏ ସଂସ୍ଥା ପକ୍ଷରୁ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଓ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଦିବାସୀ ଉପଯୋଜନା ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୮୦ ଜଣ ଆଦିବାସୀ ମହିଳା ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମହିଷ ପାଳନ, ଦୁଗ୍ଧ ଉତ୍ପାଦନ, ପଶୁ ସ୍ୱାସ୍ଥ୍ୟ ପରିଚାଳନା ଏବଂ ଆଧୁନିକ କୃଷି ଓ ପଶୁପାଳନ ପ୍ରଣାଳୀ ସମ୍ପର୍କରେ ବିଶେଷ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ସଂସ୍ଥାର ବୈଜ୍ଞାନିକ ଓ କର୍ମକର୍ତ୍ତାମାନେ ମହିଳାମାନଙ୍କୁ ଦୁଗ୍ଧ ଉତ୍ପାଦନ ବୃଦ୍ଧି, ପଶୁ ରୋଗ ନିୟନ୍ତ୍ରଣ ଏବଂ ସ୍ୱୟଂରୋଜଗାରର ସୁଯୋଗ ସମ୍ପର୍କରେ ସଚେତନ କରିଥିଲେ। ଏହା ସହିତ ଦୁଗ୍ଧ ସଂଗ୍ରହ ଓ ସଂରକ୍ଷଣ ପାଇଁ ଷ୍ଟିଲ୍ ମିଲ୍କ କ୍ୟାନ, ପ୍ଲାଷ୍ଟିକ ଡ୍ରମ, ଫିଡ୍ ବାଲ୍ଟି, ପଶୁ ଚିକିତ୍ସା ସାମଗ୍ରୀ ଓ ଅନ୍ୟାନ୍ୟ ଉପଯୋଗୀ ଉପକରଣ ହିତାଧିକାରୀ ମହିଳାମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା କାର୍ଯ୍ୟକ୍ରମରେ ଏହି ସଂସ୍ଥାର ପ୍ରଧାନ ବୈଜ୍ଞାନିକ ଡ଼ଃ ବିଶ୍ୱନାଥ ସାହୁ, ଗୋଷ୍ଠି ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ବୀରେନ୍ଦ୍ର ପଣ୍ଡା ସମେତ ଅନେକ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ ଏବଂ ସ୍ଥାନୀୟ ଜନପ୍ରତିନିଧି, ଗ୍ରାମବାସୀ ଏବଂ ଏହି ସଂସ୍ଥାର ବିଶେଷଜ୍ଞମାନେ ଉପସ୍ଥିତ ରହି ଆଦିବାସୀ ମହିଳାଙ୍କ ଆର୍ଥିକ ଉନ୍ନତି ଓ ଆତ୍ମନିର୍ଭରଶୀଳତା ପାଇଁ ଏପରି କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ମତ ପ୍ରକାଶ କରିଥିଲେ। ସ୍ଥାନୀୟ ମହିଳାମାନେ ଏହି ପଦକ୍ଷେପକୁ ସ୍ୱାଗତ କରିବା ସହ ଏହା ତାଙ୍କ ଜୀବିକା ଉନ୍ନତିରେ ସହାୟକ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ।

## ଜିଲ୍ଲାରେ ୮,୫୨,୩୩୨ ବା ୯୯.୩୦ପ୍ରତିଶତ ମତଦାତାଙ୍କୁ ପରିଗଣନା ଫର୍ମ ବିତରଣ

ନବରଙ୍ଗପୁର(ମହାଭାରତ): ନବରଙ୍ଗପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ଏସଆଇଆର କାର୍ଯ୍ୟରେ ବର୍ତ୍ତମାନ ସୁଦ୍ଧା ୮,୫୨,୩୩୨ ଜଣ ଭୋଟରଙ୍କୁ ପରିଗଣନା ଫର୍ମ ବିତରଣ କରାଯାଇଛି।ବି ଏଲ ଓ ମାନେ ଘର କୁ ଘର ଯାଇ ୯୯ .୩୦ ପ୍ରତିଶତ ଭୋଟରଙ୍କୁ ପରିଗଣନା ଫର୍ମ ପ୍ରଦାନ କରିଛନ୍ତି। ଆଜି ସୁଦ୍ଧା ଉମରକୋଟ ନିର୍ବାଚନ ମଣ୍ଡଳୀ ରେ ୯୮ପ୍ରତିଶତ,ଝରିଗାଁ ନିର୍ବାଚନ ମଣ୍ଡଳୀ ରେ ୯୯ ପ୍ରତିଶତ,ନବରଙ୍ଗପୁର ନିର୍ବାଚନ +ମଣ୍ଡଳୀରେ ୯୯ ପ୍ରତିଶତ ଏବଂ ଡାବୁଗାଁ ନିର୍ବାଚନ ମଣ୍ଡଳୀରେ ୯୯ ପ୍ରତିଶତ ପରିଗଣନା ଫର୍ମ ବିତରଣ କରାଯାଇଛି ବୋଲି ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ରୁ ସୁଚନା ମିଳିଛି।ଜିଲ୍ଲାରେ ଆଜି ଠାରୁ ପରିଗଣନା ଫର୍ମ ଡିଜିଟାଇଜେସନ ଆରମ୍ଭ ହୋଇଛି। ନିର୍ବାଚନ କମିଶନ ଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରାଯାଉଛି।ଏହି ସଂଶୋଧନ ପ୍ରକ୍ରିୟା ରେ ଫର୍ମ ବଣ୍ଟନ ଓ ଦାଖଲ ଶେଷ ତାରିଖ ୨୮.୬.୨୦୨୬ ପର୍ଯ୍ୟନ୍ତ ରହିଛି।ଯେଉଁ ଭୋଟର ମାନେ ଏପର୍ଯ୍ୟନ୍ତ ଫର୍ମ ଦାଖଲ କରି ନାହାନ୍ତି ,ସେମାନଙ୍କୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସ୍ଥାନୀୟ ବି ଏଲ ଓ ଙ୍କ ନିକଟରେ ଫର୍ମ ଦାଖଲ କରିବାକୁ କୁହାଯାଇଛି। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଫର୍ମ ଦାଖଲ ନ କଲେ ଭୋଟର ତାଲିକାରୁ ନାମ ବାଦ ପଡ଼ିବାର ଆଶଙ୍କା ଥିବାରୁ ଏହାକୁ ଗୁରୁତର ସହ ନେବାକୁ ଭୋଟରଙ୍କୁ ପରାମର୍ଶ ଦିଆଯାଇଛି।ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଡ଼ ମହେଶ୍ୱର ସ୍ୱାଇଁ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ନିର୍ଦ୍ଦିଷ୍ଟ ସମୟ ସୀମା ପୂର୍ବରୁ ଲକ୍ଷ୍ୟ ହାସଲ ନିକଟରେ ପହଞ୍ଚିଥିବାରୁ ଏହି କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ ନିର୍ବାଚନ ଅଧିକାରୀ, ସୁପର ଭାଇଜର ,ବି ଏଲ ଓ ମାନଂକ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି ।



## ସବୁ ରାତିରେ ଜଳୁଛି ଖୁଣ୍ଟି, ଭୟରେ କଲୋନୀ ବାସିନ୍ଦା

ଭୁବନେଶ୍ୱର: ସ୍ଥାନୀୟ ପାଣ୍ଡବ ନଗର ଲେନ୍ ନମ୍ବର ତିନିରେ ଏବେ ପ୍ରତି ରାତିରେ ଏକ ଅଭାବନୀୟ ଦୃଶ୍ୟ ଦେଖିବା ପାଇଁ ମିଳୁଛି। ପ୍ରତି ରାତିରେ ଏଠାରେ ଥିବା ଏକ ବିଦ୍ୟୁତ ଖୁଣ୍ଟର ବାଣ ଫୁଟିବା ପରି ଜଳୁଛି। ଖୁଣ୍ଟିରୁ ନିଆଁ ପାଖ ଆଖର ଘର ଭିତରେ ପଡୁଛି। ଏହାପରେ ସ୍ଥାନୀୟ ଅଞ୍ଚଳରୁ ବିଦ୍ୟୁତ ସରବରାହ ବିଛିନ୍ନ ହୋଇ ଯିବାରୁ ଗରମରେ ଲୋକମାନେ ଆଉଟୁ ପାଉଟ ହେଉଛନ୍ତି । ବିଦ୍ୟୁତ ବିଭାଗର କର୍ମଚାରୀମାନେ ବିଳମ୍ବରେ ଆସି ପୋଡିଯାଇଥିବା ତାର ସଜାଡିବା ପରେ ବିଦ୍ୟୁତ ସରବରାହ ଠିକ୍ ହେଉଛି। ଖୁଣ୍ଟିଟି ଘରକୁ ଲାଗିକରି ଥିବାରୁ ସେଠାରେ ଅଗ୍ନିକାଣ୍ଡର ଭୟ ରହୁଛି । ତାର ପରିବର୍ତ୍ତନ ପରେ ମଧ୍ୟ ଏହି ସମସ୍ୟା ଦେଖା ଦେଇଛି । ସେଠାରେ ଥିବା ଖୁଣ୍ଟିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା କିମ୍ବା ଅନ୍ୟ କୌଣସି ସୁରକ୍ଷା ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି । ଖୁଣ୍ଟି ବିପଜ୍ଜନକ ଭାବେ ଘରକୁ ଲାଗି କରିଥିବାରୁ କେତେ ବେଳେ କୌଣସି ଅଘଟଣ ଘଟିବାର ଆଶଙ୍କା ରହିଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତ।

## କେନ୍ଦ୍ର ସରକାରଙ୍କ ୧୨ବର୍ଷ ପୂର୍ତ୍ତି ଉପଲକ୍ଷେ ଦୀପଦାନ



ଦଶପଲ୍ଲା(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରର ୧୨ ବର୍ଷ ପୂର୍ତ୍ତି ଅବସରରେ ଦଶପଲ୍ଲା ଏନ୍‌ଏସି ମଣ୍ଡଳ ପକ୍ଷରୁ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ କର୍ମକର୍ତ୍ତା ଓ କାର୍ଯ୍ୟକର୍ତ୍ତାମାନେ ସାତପଟଣାସ୍ଥିତ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ, ସୁସ୍ୱାସ୍ଥ୍ୟ ଏବଂ ଦେଶର ନିରନ୍ତର ପ୍ରଗତି ପାଇଁ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳର ବହୁ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ। ସେମାନେ ପ୍ରଧାନମନ୍ତ୍ରୀଙ୍କ ୧୨ ବର୍ଷର ଶାସନ କାଳରେ ଦେଶର ବିକାଶ, ଜନକଲ୍ୟାଣମୂଳକ ଯୋଜନା ଓ ବିଭିନ୍ନ କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ଅଗ୍ରଗତି ଉପରେ ମତ ପ୍ରକାଶ କରିଥିଲେ। ପରିଶେଷରେ ସମସ୍ତେ ମିଳି ଦେଶର ସମୃଦ୍ଧି ଓ ଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ।

## ରାଜରାସ୍ତାରେ ଚାଲିଛି ରବି ମଣ୍ଡି, ଆନ୍ଧ୍ରକୁ ବେଧଡକ ଚାଲାଣ ହେଉଛି ଧାନ



ରାୟଗଡା: ରାୟଗଡା ଜିଲ୍ଲାର ଭାତହାଣ୍ଡି କୁହାଯାଉଥିବା ପଦ୍ମପୁର ବ୍ଲକରେ ରାଜ ରାସ୍ତାରେ ଚାଲିଛି ମଣ୍ଡି । ସରକାରୀ ବ୍ୟବସ୍ଥାକୁ ଫୁ କରିଦେଇଛନ୍ତି ମିଲର। ରବି ଋତୁରେ ଉତ୍ପାଦିତ ଧାନ ଆଉ ମଣ୍ଡିକୁ ଯାଉନି ବରଂ ଏହା ସିଧାସଳଖ ଚାଲାଣ ହେଉଛି ପଡୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶକୁ ।ଆନ୍ଧ୍ର ପ୍ରଦେଶ ରେଜିଷ୍ଟ୍ରେସନ ହୋଇଥିବା ଟ୍ରକରେ ରବି ଧାନ ବେଧଡକ ଚାଲାଣ ହେଉଥିବା ଚାଷୀ ପ୍ରକାଶ କରିଛନ୍ତି। ପ୍ରତିଦିନ ଟନ ଟନ ଧାନ ଦିନକୁ ପ୍ରାୟ ୧୫ଟି ଟ୍ରକ ମାଧ୍ୟମରେ ଆନ୍ଧ୍ର ପ୍ରଦେଶ ଯାଉଛି। ପଦ୍ମପୁର ରାଜ ରାସ୍ତାରେ ଖୁଲମ ଖୁଲା ଚାଲିଛି ରବି ଧାନ ଚାଲାଣ। ଚାଷୀମାନେ ବାଧ ହୋଇ ମିଲର ହାତରେ ଟେକି ଦେଉଛନ୍ତି ଧାନ, ଏପରିକି ଚାଷିଙ୍କୁ ମିଳୁନି ସରକାରଙ୍କ ଘୋଷିତ ମୂଲ୍ୟ। ମାତ୍ର ୨ହଜାର ଟଙ୍କାରେ ଏକ କ୍ୱିଣ୍ଟାଲ ଧାନ କୌଣସି ମଣ୍ଡିକୁ ନଯାଇ ସିଧାସଳଖ ଆନ୍ଧ୍ରକୁ ଯାଉଛି । ମିଲରମାନେ କ୍ୱିଣ୍ଟାଲ ପିଛା ୧ହଜାର ଟଙ୍କା ଘରେ ବସି ଲାଭ ପାଉଥିବା ଜଣେ ଚାଷୀ ନୀଳ ଗେଡ କହିଛନ୍ତି । ମିଲରମାନଙ୍କ ଦେରାମ୍ୟ ଏପରି ଯେ ଚାଷୀମାନେ ଚାହିଁଲେ ମଧ୍ୟ ସରକାରଙ୍କ ନିୟମଅନୁଯାୟୀ ମଣ୍ଡିକୁ ଆଣି ଧାନ ବିକ୍ରି କରିପାରିବେ ନାହିଁ ।ସୂଚନାର ଜଣାପଡିଛି ରବି ଉତ୍ପାଦିତ ରବି ମିଲିଂ କରିଲେ ସେଥିରୁ ଚାଉଳ ଗୁଣ୍ଡ ହୋଇଯିବାର ସଂଭାବନା ଅଧିକା ରହୁଛି । ରାୟଗଡା ଜିଲ୍ଲାରେ ଜନସାଧାରଣ ଅରୁଆ ଚାଉଳ ଖାଉଥିବା ବେଳେ ଉଷୁନା ଧାନ ମିଲିଂ କରିବା ପାଇଁ ମିଲ ନାହିଁ । ଏଥିରୁ ଫାଇଦା ନେଉଛନ୍ତି ମିଲର । ମିଲର ଗୋଟିଏ ପ୍ରକାର ବ୍ଲାକ ମେଲ କରି ଚାଷୀଠୁ ଧାନ ନେଇ ଆନ୍ଧ୍ର ଚାଲାଣ କରୁଛନ୍ତି ମିଲର । ଚଳିତ ରବି ଋତୁରେ ଜିଲ୍ଲାରେ ମୋଟ ୭୧୬୫.୯୧ ଏକର ଜମିରେ ଧାନ ଚାଷ ହୋଇଥିବା ବେଳେ ପ୍ରାୟ ୧,୫୮,୧୭୭.୭୫ କ୍ୱି□ାଲ ଧାନ ଉତ୍ପାଦନ ହେବାକୁ ଆକଳନ କରାଯାଇଛି। ପଦ୍ମପୁର ବ୍ଲକରେ ସର୍ବାଧିକ ୫୧୮୯.୧୦ ଏକର ଚାଷ ହୋଇଥିବା ବେଳେ ୧,୧୫,୫୦୧.୫୮ କ୍ୟୁଣ୍ଟାଲ ଧାନ ଉତ୍ପାଦନ ହେବ ବୋଲିକୃଷି ବିଭାଗଆକଳନ କରିଥିଲା । ଗୁଡାରି, ମୁନିଗୁଡା, ରାମନଗୁଡା ଓ କାଶୀପୁର ଭଳି ବ୍ଲକଗୁଡିକରେ ମଧ୍ୟ ଚଳିତ ରବି ଋତୁରେ ଅଧିକା ଉତ୍ପାଦନ ହେବା ନେଇ ଆକଳନ କରିଥିଲା କୃଷି ବିଭାଗ । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଚାଷୀମାନଙ୍କୁ ସୁବିଧା ଦେବା ନିମନ୍ତେ ଧାନ କ୍ରୟ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସମୟବଦ୍ଧ କରିବା ନିମନ୍ତେ ଗୁରୁତ୍ୱାରୋପ କରିବା ସହ ମଣ୍ଡିଗୁଡ଼ିକର ଅବସ୍ଥା ଉନ୍ନତି ପାଇଁ ତୁରନ୍ତ ମରାମତି କାର୍ଯ୍ୟ ପାଇଁ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ମଣ୍ଡିରେ ଆବଶ୍ୟକ ଭିତ୍ତିଭୂମି, ପାନୀୟଜଳ, ଆଲୋକ ବ୍ୟବସ୍ଥା ଓ ଚାଷୀ ସୁବିଧାକୁ ସୁନିଶ୍ଚିତ କରିବା ପାଇଁ ମଧ୍ୟ ଜୋର ଦେଇଥିଲେ। ପ୍ରକୃତପକ୍ଷରେ ଚଳିତ ରବି ଋତୁରେ ନାମକୁ ମାତ୍ର ମଣ୍ଡି ପ୍ରକ୍ରିୟା ଚାଲିଛି । ରାୟଗଡା ଉପଖଣ୍ଡରେ ମେ ୨୦ ତାରିଖ ଠାରୁ ଓ ଗୁଣୁପୁର ସବଡ଼ିଭିଜନ ମେ ୨୭ ତାରିଖ ଠାରୁ ଆରମ୍ଭ ହୋଇଥିଲା । ସରକାର ଚାଷୀଙ୍କ ପାଇଁ ସାର,ୟୁରିଆ ଠୁ ଆରମ୍ଭ କରି କୋଟି କୋଟି ଟଙ୍କା ଏସ ଏସ ପି ବାଦେ ବୋନସ ମଧ୍ୟ ଦେଉଛନ୍ତି । ଗତ ୨ ବର୍ଷ ହେଲା ପଦ୍ମପୁର ବ୍ଲକ ବଡ଼ନାଳ ଜଳସେଚନ ପ୍ରକଳ୍ପର କେନାଲ ମାଧ୍ୟମରେ ରବି ଋତୁରେ ପାଣି ଯୋଗାଇ ଦିଆଯାଇନଥିଲା କିନ୍ତୁ ଚଳିତ ବର୍ଷ ପାଣି ଯୋଗାଇ ଦିଆଯାଇଥିଲା । ଫଳରେ ଚଳିତ ରବି ଋତୁରେ ପ୍ରଚୁର ପରିମାଣରେ ଧାନ ପଦ୍ମପୁର,ଗୁଡାରି ଓ ରାମନାଗୁଡା ବ୍ଲକରେ ଉତ୍ପାଦିତ ହୋଇଛି । ଚଳିତ ବର୍ଷ ରବି ଋତୁରେ ୨୨୦୯ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ପଦ୍ମପୁରର ୧୩୦୦ରୁ ଉର୍ଦ୍ଧ୍ୱ ଚାଷି ପଞ୍ଜିକରଣ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ୫୭୧ ଚାଷୀଙ୍କ ଠୁ ୪୦ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥିବା ସୂଚନାରୁ ଜଣାପଡିଛି ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ





## ଓମାନ ଉପକୂଳ ଜାହାଜ ଆକ୍ରମଣ ମାମଲା
## ଆମେରିକୀୟ ରାଷ୍ଟ୍ରଦୂତଙ୍କୁ ଦ୍ୱିତୀୟ ଥର ସମନ କଲା ଭାରତ



ନୂଆଦିଲ୍ଲୀ : ଓମାନ ଉପକୂଳରେ ଭାରତୀୟ କ୍ରୁ ସଦସ୍ୟ ଥିବା ବାଣିଜ୍ୟିକ ଜାହାଜଗୁଡ଼ିକ ଉପରେ ଆମେରିକା ନୌସେନାର କ୍ରମାଗତ କ୍ଷେପଣାସ୍ତ୍ର ଆକ୍ରମଣକୁ ନେଇ ଭାରତ ସରକାର ଅତ୍ୟନ୍ତ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହି ଆକ୍ରମଣରେ ୩ ଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ହେବା ପରେ, ଭାରତ ଶୁକ୍ରବାର ଦିନ ଦ୍ୱିତୀୟ ଥର ପାଇଁ ଆମେରିକାର ଦୂତାବାସ ପ୍ରଭାରୀ ଜେସନ୍ ମିକ୍ସଙ୍କୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ସମନ କରି ନିଜର ଦୃଢ଼ ପ୍ରତିବାଦ ଜଣାଇଛି। ଏହାପୂର୍ବରୁ ବୁଧବାର ରାତିରେ ମଧ୍ୟ ତାଙ୍କୁ ଡକାଇ କୈଫିୟତ ମଗାଯାଇଥିଲା, ଯାହା ଗୋଟିଏ ସପ୍ତାହ ମଧ୍ୟରେ ଦୁଇ ଦେଶର କୂଟନୈତିକ ସମ୍ପର୍କରେ ଏକ ବଡ଼ ତିକ୍ତତା ସୃଷ୍ଟି କରିଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଗତ କିଛି ଦିନ ମଧ୍ୟରେ ଓମାନ ଉପକୂଳରେ ଭାରତୀୟ ନାବିକ ଥିବା ତିନୋଟି ବାଣିଜ୍ୟିକ ଜାହାଜ ଆମେରିକା ସାମରିକ ବାହିନୀର ଟାର୍ଗେଟ୍ ପାଲଟିଛନ୍ତି। ଜୁନ୍ ୮ ତାରିଖରେ ୨୪ ଜଣ ଭାରତୀୟ ନାବିକଙ୍କୁ ନେଇ ଯାଉଥିବା ପାଲାଉ-ପତାକାଧାରୀ ତେଲ ଟାଙ୍କି ''ଏମଟି ମାରିଭେଲ୍ସ''କୁ ଆମେରିକା ସେନା ଅଚଳ କରିଦେଇଥିବା ବେଳେ ସମସ୍ତ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା। ଏହାପରେ ଜୁନ୍ ୧୦ ତାରିଖରେ ଆମେରିକା ନୌସେନା ''ସେଟେବେଲୋ'' ନାମକ ଅନ୍ୟ ଏକ ଜାହାଜ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଥିଲା, ଯେଉଁଥିରେ ଜାହାଜରେ ଥିବା ୨୪ ଜଣ ଭାରତୀୟଙ୍କ ମଧ୍ୟରୁ ୩ ଜଣ ନାବିକ ପ୍ରାଣ ହରାଇଛନ୍ତି। ଗୁରୁବାର ଦିନ ମଧ୍ୟ ''ଏମଟି ଜଲଭୀର'' ନାମକ ଏକ ଜାହାଜ ଉପରେ ଆମେରିକା ଯୁଦ୍ଧବିମାନ ଦୁଇଟି କ୍ଷେପଣାସ୍ତ୍ର ମାଡ଼ କରି ତାହାର ଇଞ୍ଜିନ ରୁମକୁ ଉଡ଼ାଇ ଦେଇଛି, ଯେଉଁଥିରେ ୨୦ ଜଣ ଭାରତୀୟ ନାବିକ ଥିଲେ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି ଯେ ସାଧାରଣ ନାଗରିକଙ୍କ ଜାହାଜ ଉପରେ ଏଭଳି ମାରାତ୍ମକ ଆକ୍ରମଣ ସମ୍ପୂର୍ଣ୍ଣ ଅଗ୍ରହଣୀୟ ଏବଂ ଏହି ଆକ୍ରମଣ ତୁରନ୍ତ ବନ୍ଦ ହେବା ଉଚିତ। ଅପରପକ୍ଷରେ ଆମେରିକା ପ୍ରଶାସନର କହିବା ଅନୁଯାୟୀ, ଇରାନ ଏବଂ ରୁଷିଆ ଉପରେ ଲଗାଯାଇଥିବା ଆମେରିକୀୟ କଟକଣା ଉଲ୍ଲଂଘନ କରି ବେଆଇନ ଭାବେ ତେଲ ପରିବହନ କରୁଥିବାରୁ ଏହି ଜାହାଜଗୁଡ଼ିକ ବିରୋଧରେ ଆମେରିକା ସେଣ୍ଟ୍ରାଲ କମାଣ୍ଡ ଏଭଳି ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଭାରତୀୟ ନାବିକମାନଙ୍କ ଜୀବନ ଓ ସୁରକ୍ଷାକୁ ନେଇ ଭାରତ ଏବେ ଆମେରିକା ଉପରେ କୂଟନୈତିକ ଚାପ ପକାଇବା ସହ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ପ୍ରୟାସ ଜାରି ରଖିଛି।

## ଇଣ୍ଡିଗୋ ବିମାନକୁ ବୋମା ଧମକ, ଉଡ଼ାଣ ରଦ୍ଦ

ଲକ୍ଷ୍ନୌ : ଲକ୍ଷ୍ନୌରୁ ଦିଲ୍ଲୀ ଯାଉଥିବା ଇଣ୍ଡିଗୋ ବିମାନକୁ ବୋମା ଧମକ । ଧମକ ମିଳିବା ପରେ ସୁରକ୍ଷା ଏଜେନ୍ସୀ ଆଲର୍ଟ ହୋଇଯାଇଛି । ଖବର ମୁତାବକ, ଲକ୍ଷ୍ନୌରରୁ ଦିଲ୍ଲୀ ଯାଉଥିବା ଇଣ୍ଡିଗୋ ବିମାନ ବୋମା ଧମକ ମିଳିଥିଲା । ଉଡ଼ାଣ ଭରିବାର କିଛି ସମୟ ପୂର୍ବରୁ ଧମକ ମିଳିବାରୁ ବିମାନକୁ ରୋକି ଦିଆଯାଇଥିଲା । ବିମାନକୁ ରୋକା ଯାଇ ବ୍ୟାପକ ସୁରକ୍ଷା ଯାଞ୍ଚ ଆରମ୍ଭ କରାଯାଇଛି । ବିମାନ ଏବଂ ଯାତ୍ରୀଙ୍କ ଜିନିଷ ତନ୍ନତନ୍ନ କରି ଯାଞ୍ଚ କରାଯାଉଛି । ସୁରକ୍ଷା ଏଜେନ୍ସୀ ଧମକ କେଉଁଠୁ ଆସିଛି, ତାହା ଯାଞ୍ଚ କରୁଛନ୍ତି। ଗତବର୍ଷ ଆଜିର ଦିନରେ ଏୟାର ଇଣ୍ଡିଆର ଏଆଇ ୧୭୧ ବିମାନ ଦୁର୍ଘଟଣାର ଶିକାର ହୋଇଥିଲା । ଏଥିରେ ଥିବା ୨୪୦ ଜଣ ପ୍ରାଣ ହରାଇଥିଲେ । କେବଳ ଜଣେ ମାତ୍ର ଯାତ୍ରୀ ବଞ୍ଚିଯାଇଥିଲେ । ବିମାନଟି ଏକ ମେଡିକାଲ କଲେଜର ହଷ୍ଟେଲ ଉପରେ ପଡିଥିଲା । ଫଳରେ ଏଠାରେ ଥିବା ଅନେକ ପିଲା ଏବଂ ସ୍ଥାନୀୟ ଲୋକଙ୍କ ଜୀବନ ଚାଲିଯାଇଥିଲା ।

## ପୁଣି ଦିଲ୍ଲୀରେ ଭୟଙ୍କର ଅଗ୍ନିକାଣ୍ଡ, ୩ ମୃତ ଓ ୮ ଉଦ୍ଧାର

ନୂଆଦିଲ୍ଲୀ : ଦିଲ୍ଲୀର ତୁଗଲକାବାଦ ଏକ୍ସଟେସନ୍ ଅଞ୍ଚଳରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଏହି ଅଗ୍ନିକାଣ୍ଡରେ ୩ ଜଣଙ୍କର ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ଥିବାବେଳେ ଜଣେ ପୁରୁଷ ଥିବା ଜଣାପଡିଛି । ସେମାନଙ୍କ ପରିଚୟ ମଧ୍ୟ ଚିହ୍ନଟ କରାଯାଇଛି । ଘଟଣା ସମ୍ପର୍କରେ ସୂଚନା ପାଇ ଦିଲ୍ଲୀ ଫାୟାର ସର୍ଭିସ୍ ଘଟଣାସ୍ଥଳରେ ପହଞ୍ଚି ୮ ଜଣଙ୍କୁ ଉଦ୍ଧାର କରିଛି ବୋଲି ଦମକଳ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏଥିସହ ଶ୍ୱାସରୁଦ୍ଧ ହୋଇ ସେମାନଙ୍କ ମୃତ୍ୟୁ ହୋଇଥିବା ପୋଲିସ କହିଛି । ସୂଚନାନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ବହୁମଞ୍ଜିଲା ବିଲ୍ଡିଂରେ ଅଗ୍ନିକାଣ୍ଡ ଘଟିଥିଲା । ପାର୍କିଂ ହୋଇଥିବା ଗାଡ଼ିଗୁଡ଼ିକରେ ନିଆଁ ଲାଗିଥିଲା । ଫଳରେ ସମଗ୍ର ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା । ତେଣୁ ଅନେକ ଲୋକ ଭିତରେ ଫସି ରହିଥିଲେ । ରାତି ପ୍ରାୟ ୨ଟା ୨୫ ମିନିଟରେ ଅଗ୍ନିଶମ ବିଭାଗ ଖବର ପାଇଥିଲେ । ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହିତ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ । ସକାଳ ସୁଦ୍ଧା ୮ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲକୁ ପଠାଇଥିଲେ । ଭୋର ୪ଟାରେ ନିଆଁ ଲିଭାଇ ଦିଆଯାଇଥିଲା ବୋଲି ଅଗ୍ନିଶମ ଅଧିକାରୀ କହିଛନ୍ତି । ଏହା ବ୍ୟତୀତ ସ୍ମୋକ୍ ଡିଟେକ୍ଟର ଏବଂ ଅଗ୍ନିଶମ ଯନ୍ତ୍ର ସମତେ ଅଗ୍ନିକାଣ୍ଡ ସୁରକ୍ଷା ଉପକରଣ ଲଗାଇବାକୁ ପରାମର୍ଶ ଦିଆଯାଇଛି । ଅନ୍ୟପଟେ ପୋଲିସ ହୋଟେଲ ମାଲିକଙ୍କୁ ଗିରଫ କରିଛି । ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ଯାଏଁ ଜଣାପଡିନାହିଁ । ଏଥି ସହିତ ଘଟଣାର ତଦନ୍ତ ମଧ୍ୟ ପୋଲିସ ଆରମ୍ଭ କରିଛି ।

## ଖାଇକୁ ଖସିଲା ବୋଲେରୋ, ୪ ମୃତ

ଉତ୍ତରାଖଣ୍ଡ : ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାରେ ଗୁରୁବାର ଏକ ସାଂଘାତିକ ସଡ଼କ ଦୁର୍ଘଟଣା ଘଟିଛି। ଦେୱାଲ-ଘେସ୍ ମୋଟର ରାସ୍ତାର କୁନାର ବେଣ୍ଡ୍ ନିକଟରେ ଏକ ବୋଲେରୋ ଟ୍ୟାକ୍ସି ନିୟନ୍ତ୍ରଣ ହରାଇ ପ୍ରାୟ ଶହେ ମିଟର ଗଭୀର ଖାଇକୁ ଖସିପଡ଼ିବା ଫଳରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନଙ୍କ ମଧ୍ୟରେ ଦୁଇଜଣ ମହିଳା ଥିବା ଜଣାପଡ଼ିଛି ଏବଂ ସମସ୍ତ ମୃତ ଓ ଆହତ ବ୍ୟକ୍ତି ଖେତା ଗ୍ରାମର ବାସିନ୍ଦା ବୋଲି ଚିହ୍ନଟ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବୋଲେରୋଟି ଦେୱାଲରୁ ଯାତ୍ରୀମାନଙ୍କୁ ନେଇ ଘେସ୍ ଅଭିମୁଖେ ଯାଉଥିଲା। ପାହାଡ଼ିଆ ଓ ବଙ୍କା ରାସ୍ତାରେ ଚାଳକ ଜଣକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିଲା। ବିପଦସଙ୍କୁଳ ପାହାଡ଼ିଆ ଅଞ୍ଚଳ ହୋଇଥିଲେ ମଧ୍ୟ ସ୍ଥାନୀୟ ପୋଲିସ ଓ ରେସ୍କ୍ୟୁ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଗାଡ଼ି ଭିତରେ ଚାପି ହୋଇ ରହିଥିବା ସମସ୍ତ ୮ ଜଣଙ୍କୁ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ଦେୱାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ୪ ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ଆହତମାନଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରେ ଜଣେ ୧୮ ମାସର ଶିଶୁ କନ୍ୟା ମଧ୍ୟ ସାମିଲ ଅଛି ଏବଂ ଜଣଙ୍କର ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି।

## ପୁଣି ଟ୍ରମ୍ପଙ୍କୁ ମିଛୁଆ କହିଲା, ଡିଲ୍ ଚୂଡ଼ାନ୍ତ ହୋଇ ନଥିବା ସ୍ପଷ୍ଟ କଲା ଇରାନ



ନୂଆଦିଲ୍ଲୀ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଡିଲ୍ ବୟାନକୁ ମିଛ ବୋଲି ପୁଣି କହିଛି ଇରାନ। ଦିନକ ତଳେ ଇରାନକୁ ନାଲି ଆଖି ଦେଖାଇ ଗୁରୁବାର ରାତିରେ ସବୁଠାରୁ ବଡ଼ ହମଲାର ଧମକ ଦେଇଥିଲେ ଟ୍ରମ୍ପ। କିନ୍ତୁ ରାତି ସମୟରେ ସେ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ କରିଥିଲେ ଓ ଇରାନ ସହ ଗୋଟିଏ 'ମହାନ ବୁଝାମଣା' ଚୂଡ଼ାନ୍ତ ହୋଇଥିବା କହିଥିଲେ। ତେବେ ଟ୍ରମ୍ପଙ୍କ ଏହି ଡିଲ୍ ବୟାନରେ ଆଦୌ ସତ୍ୟତା ନଥିବା କହିଛି ଇରାନ। ଏଯାଏ କୌଣସି ବୁଝାମଣା ଚୂଡ଼ାନ୍ତ ହୋଇ ନାହିଁ ବୋଲି ଇରାନ ସ୍ପଷ୍ଟ କରିବା ସହ ଆମେରିକାକୁ ଚେତାବନୀ ଦେଇଛି। ଇରାନ କହିଛି ଯେ ଏବେ ବି ଶାନ୍ତି ପ୍ରସ୍ତାବ ଦେଶର ନିଷ୍ପତ୍ତି ନେଉଥିବା ନେତୃବୃନ୍ଦଙ୍କ ସମୀକ୍ଷା ପାଇଁ ପଡ଼ି ରହିଛି। ଏଯାଏ କୌଣସି ନିଷ୍ପତ୍ତି ହୋଇ ନାହିଁ। ଇରାନର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ଇସ୍ମାଇଲ ବାଘାଇଙ୍କ କହିବା କଥା ଯେ ବୁଝାମଣା ଚୂଡ଼ାନ୍ତ ହୋଇଥିବା ବେଳେ ଏହା ଦସ୍ତଖତ ଅପେକ୍ଷାରେ ରହିଥିବା ରିପୋର୍ଟ କେବଳ ଗୋଟିଏ ଆକଳନ। କୌଣସି ଚୂଡ଼ାନ୍ତ ବୁଝାମଣା ହୋଇନାହିଁ। ସେ ଆହୁରି କହିଛି ଯେ ବୁଝାମଣା ବିଷୟବସ୍ତୁର ଅଧିକାଂଶ ସର୍ତ୍ତରେ ଏକମତ ପ୍ରକାଶ ପାଇଛି। କିନ୍ତୁ ଆଲୋଚନା ବେଳେ ଆମେରିକା ନିୟମିତ ନିଜର ଆଭିମୁଖ୍ୟ ବଦଳାଇବାରେ ଲାଗିଛି। ଇରାନ କେବେ ହେଲେ ବି ଆମେରିକା ସହ ବୁଝାମଣା ଚୂଡ଼ାନ୍ତ କରିବା ବେଳେ ନିଜର ମୂଳ ଆଭିମୁଖ୍ୟକୁ ବଦଳାଇବ ନାହିଁ ବୋଲି ବାଘାଇ ସ୍ପଷ୍ଟ କରିଛନ୍ତି। ଏହି ବୟାନର କିଛି ଘଣ୍ଟା ପୂର୍ବରୁ ଟ୍ରମ୍ପ କହିଥିଲେ ଯେ ଇରାନ ସହ ବୁଝାମଣା ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଥିବାରୁ ସେ ସାମରିକ କାର୍ଯ୍ୟାନୁଷ୍ଠାନକୁ ବାତିଲ କରିବା ନିଷ୍ପତ୍ତି ନେଇଛନ୍ତି। ହ୍ୱାଇଟ ହାଉସରେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରିବା ବେଳେ ଟ୍ରମ୍ପ କହିଥିଲେ ଯେ ଇରାନର ସୁପ୍ରିମ ଲିଡର ମୋଜତବା ଖାମେନେଇ ବୁଝାମଣାର ସର୍ତ୍ତରେ ଏକମତ ହୋଇ ଷ୍ଟ୍ରେଟ ଅଫ ହର୍ମୁଜକୁ ଖୋଲିବା ପାଇଁ ରାଜି ହୋଇଛନ୍ତି। ସେ ବୁଝାମଣାରେ ରାଜି ହେବ ବୋଲି ଟ୍ରମ୍ପ ବିଶ୍ୱାସ ରଖିଥିବା କହିଥିଲେ।

## ଦାରିଦ୍ର୍ୟର ଦ୍ୱାର ଦେଶରେ ପାକିସ୍ତାନ

ନୂଆଦିଲ୍ଲୀ : ପାକିସ୍ତାନ ଏବେ ଆର୍ଥିକ ସଙ୍କଟ ଦେଇ ଗତି କରୁଛି । ନିକଟରେ ପ୍ରକାଶିତ ଏକ ସର୍ଭେ ଅନୁସାରେ ୨୦୨୫-୨୬ର ସଂଖ୍ୟା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ । ପୂର୍ବ ରେକର୍ଡ ହିସାବରେ ଚଳତି ଥର ଶିକ୍ଷା କ୍ଷେତ୍ରରେ ବଜେଟ ବ୍ୟାପକ ହ୍ରାସ ପାଇଛି । ପାକିସ୍ଥାନରେ ୨୮.୯% କୁ ଦାରିଦ୍ର୍ୟ ହାର ବୃଦ୍ଧି ପାଇଛି । ସର୍ଭେରେ କୁହାଯାଇଛି ଯେ ଲୋକଙ୍କ କଷ୍ଟକୁ ମୁଦ୍ରାସ୍ଫୀତି ବଢାଇ ଦେଇଛି । ୨୦୧୮-୧୯ରେ ମୁଣ୍ଡପିଛା ମାସିକ ଦାରିଦ୍ର୍ୟ ସୀମାରେଖା ?୩,୭୫୭ ଥିଲା ଯାହା ଏବେ ୮,୪୮୪କୁ ବୃଦ୍ଧି ପାଇଛି । ସେଠାରେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳ ସ୍ଥିତି ଅଧିକ ଗମ୍ଭୀର ରହିଛି । ପ୍ରଦେଶ ଗୁଡିକ ମଧ୍ୟରେ ବେଲୁଚିସ୍ଥାନ ଅଧିକ ଗରିବ ରହିଛି । ରିପୋର୍ଟରେ କୁହାଯାଇଛି ଯେ ଲୋକଙ୍କ ଆୟରେ ଅସମାନତା କ୍ରମାଗତ ଭାବରେ ବୃଦ୍ଧି ପାଉଛି । ସର୍ଭେ ଅନୁସାରେ ମଧ୍ୟପ୍ରାଚ୍ୟରେ ଚାଲୁଥିବା ଉତ୍ତେଜନା ଯୋଗୁଁ ପାକିସ୍ଥାନର ସ୍ଥିତି ଅଧିକ ଖରାପ ହେବାରେ ଲାଗିଛି । ପାକିସ୍ତାନର ୫୫ ପ୍ରତିସତ ବୈଦେଶିକ ମୁଦ୍ରା ମଧ୍ୟପ୍ରାଚ୍ୟକୁ ଆସିଥାଏ । ଯାହା ପାଇଁ ଦାରଦ୍ର୍ୟ ଆହୁରି ବଢିପାରେ ।

## ସରକାରୀ ବିଲଡିଂରେ ନିଆଁ ଲାଗି ଧ୍ୱଂସ ହେଇଗଲା ୪ ହଜାର ଇଭିଏମ



କଲିକତା : ପଶ୍ଚିମବଙ୍ଗର କୋଲକାତାରେ ଥିବା ଗୋଟିଏ ସରକାରୀ ବିଲଡିଂରେ ଭୟଙ୍କର ଅଗ୍ନିକାଣ୍ଡ। ବିଲଡିଂର ୮ମ ଓ ୯ମ ମହଲା ଅଗ୍ନିକାଣ୍ଡରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ଥିବା ପ୍ରାୟ ୪ ହଜାର ଇଭିଏ ଅଗ୍ନିକାଣ୍ଡ ଯୋଗୁ ପୂରା ଧ୍ୱଂସ ହୋଇଯାଇଛି। ନିକଟରେ ପଶ୍ଚିମବଙ୍ଗ ବିଧାନସଭା ନର୍ବାଚନ ଶେଷ ହୋଇଥିଲା। ବେଙ୍ଗଲର ୧୦ଟି ନିର୍ବାଚନ ମଣ୍ଡଳୀରେ ବ୍ୟବହୃତ ଇଭିଏକୁ ଏହି ବିଲଡିଂରେ ରଖାଯାଇଥିଲା। ଅଗ୍ନିକାଣ୍ଡ ଯୋଗୁ ସେଗୁଡ଼ିକ ନଷ୍ଟ ହୋଇ ଯାଇଥିବା ଜଣାପଡ଼ିଛି। ବେଙ୍ଗଲର ଅଗ୍ନିଶମ ବିଭାଗ ମନ୍ତ୍ରୀ କୌଶିକ ଚୌଧୁରୀ କହିଛନ୍ତି ଯେ "ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଅଗ୍ନିକାଣ୍ଡ ବିଲଡିଂର ତୃତୀୟ କିମ୍ବା ୪ର୍ଥ ମହଲାରେ ଘଟିଥିଲା। କିନ୍ତୁ ହଠାତ୍ ଏହା ବିଲଡିଂର ୮ମ ଓ ୯ମ ମହଲାରେ ପହଞ୍ଚି ଯାଇଥିଲା। ୮ମ ଓ ୯ମ ମହଲା ପୂରା ନଷ୍ଟ ହୋଇଯାଇଛି। ହେଲେ ବିଲଡିଂର ୬ଷ୍ଠ, ୭ମ ଓ ୮ମ ମହଲା ସଂପୂର୍ଣ୍ଣ ସୁରକ୍ଷିତ ରହିଛି। ନିଆଁ ଏହି ୩ ମହଲାକୁ ଡେଇଁ କେମିତି କେବଳ ୮ମ ଓ ୯ମ ଫ୍ଲୋରକୁ କ୍ଷତି ପହଞ୍ଚାଇଲା, ସେକଥା ଆମେ ଭାବୁଛୁ।" କୋଲକାତାର ଅଲୀପୁର ଅଞ୍ଚଳରେ ଦକ୍ଷିଣ ୨୪ ପ୍ରଗଣାର ୧୦ ମହଲା ବିଶିଷ୍ଟ ଜିଲ୍ଲା ପରିଷଦ ବିଲଡିଂ ରହିଛି। ସେଠାରେ ସକାଳ ୯.୫୦ରେ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ ପୁଲିସ୍ ଟିମ ସହ ୧୦ଟି ଅଗ୍ନିଶମ ଗାଡ଼ି ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେମାନେ ଅକ୍ଲାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ବିଲଡିଂର ୮ମ ଓ ୯ମ ମହଲାରେ ଥିବା ପ୍ରାୟ ୪ ହଜାର ଇଭିଏମ ଏବଂ କାଗଜପତ୍ର ଧ୍ୱଂସ ହୋଇ ସାରିଥିଲା। ଅଧିକାରୀଙ୍କ କହିବା କଥା ଯେ ଉକ୍ତ ବିଲଡିଂରେ ଏକାଧିକ ସରକାରୀ ବିଭାଗର ଅଫିସ ରହିଛି। ଗିରଫ ହୋଇଥିବା ଟିଏମସି ନେତା ଜାହାଙ୍ଗୀର ଖାନଙ୍କ ଅଫିସ ମଧ୍ୟ ସେହି ବିଲଡିଂରେ ରହିଥିଲା। ଜାହାଙ୍ଗୀର ଖାନ ଜିଲ୍ଲା ପରିଷଦର କର୍ମଦକ୍ଷ ଭାବେ କାର୍ଯ୍ୟ କରୁଥିଲେ। ଜିଲ୍ଲା ପରିଷଦକୁ ଟିଏମସି ଦ୍ୱାରା ପରିଚାଳିତ ହେଉଥିଲା ଓ ଦକ୍ଷିଣ ୨୪ ପ୍ରଗଣା ଟିଏମସି ସାଂସଦ ଅଭିଷେକ ବାନାର୍ଜୀଙ୍କ ଗଡ଼ ଭାବେ ପରିଚିତ। ବିଜେପି କ୍ଷମତାକୁ ଆସିବା ପରେ କୌଶିକ ଚୌଧୁରୀ ବେଙ୍ଗଲର ମନ୍ତ୍ରୀ ହୋଇଛନ୍ତି। ସେ ଘଟଣା ସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ସେ କହିଛନ୍ତି, "ଅଗ୍ନିକାଣ୍ଡ ଯୋଗୁ ଏକାଧିକ ସରକାରୀ ଅଫିସ ସମେତ ୪ ହଜାର ଇଭିଏମ ନଷ୍ଟ ହୋଇଛି। ଇଭିଏମ ଓ ସରକାରୀ ଅଫିସ ଗୁଡ଼ିକ ୮ମ ଓ ୯ମ ମହଲାରେ ରହିଥିଲା। ସେଠାରେ ପ୍ରାୟ ୧୦ଟି ନିର୍ବାଚନ ମଣ୍ଡଳୀରେ ବ୍ୟବହୃତ ଇଭିଏମକୁ ରଖାଯାଇଥିଲା। ଏହି ଘଟଣାରେ ଗୋଟିଏ ଏଫଆଇଆର ହୋଇଛି ଓ ତଦନ୍ତ ଆରମ୍ଭ କରାଯାଇଛି। ଫରେନ୍ସିକ ଟିମ ଘଟଣା ସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରିବାକୁ ଚେଷ୍ଟା କରୁଛନ୍ତି। ବିଲଡିଂ ଏବେ ଉତ୍ତପ୍ତ ରହିଛି। ସେମାନେ କ୍ଷତିଗ୍ରସ୍ତ ହୋଇଥିବା ମହଲାରେ ପ୍ରବେଶ କରିବାକୁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।"

## ମହଙ୍ଗା ମାଡ଼! ବଢ଼ିଲା ଖୁଚୁରା ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ : ଭାରତର ଖୁଚୁରା ମୁଦ୍ରାସ୍ଫୀତି ମା' ମାସରେ ୩.୯୩%ରେ ପହଞ୍ଚି ଯାଇଛି। ଏପ୍ରିଲରେ ଏହା ୩.୪୮% ରହିଥିଲା। ଦେଶରେ ଖାଦ୍ୟ ଓ ତୈଳ ଦର ବୃଦ୍ଧି ଯୋଗୁ ଏହାର ପ୍ରଭାବ ମୁଦ୍ରାସ୍ଫୀତି ଉପରେ ପଡ଼ିଛି। ଅର୍ଥାତ ଲୋକମାନେ ଆଗକୁ ମହଙ୍ଗା ମାଡ଼ର ସାମ୍ନା କରିବେ ବୋଲି ସରକାର ଦେଇଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି। ମେ' ମାସର ମୁଦ୍ରାସ୍ଫୀତି ଆରବିଆଇର ମଧ୍ୟବର୍ତ୍ତୀକାଳିନ ମୁଦ୍ରାସ୍ଫୀତି ଟାର୍ଗେଟ ପରିସୀମା ଭିତରେ ଏଯାଏ ରହିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଦେଶର ଖୁଚୁରା ମୁଦ୍ରାସ୍ଫୀତି ଫେବୃଆରୀ ମାସରୁ ବୃଦ୍ଧି ପାଇବାରେ ଲାଗିଛି। ଫେବୃଆରୀରେ ଖୁଚୁରା ମୁଦ୍ରାସ୍ଫୀତି ୩.୨୧% ରହିଥିଲା। ମାର୍ଚ୍ଚରେ ଏହା ୩.୪୦%ରେ ପହଞ୍ଚି ଥିଲା। ମେ'ରେ ଏହା ୪% ପାଖରେ ପହଞ୍ଚି ଯାଇଛି। ଖୁଚୁରା ମୁଦ୍ରାସ୍ଫୀତି ବଢ଼ିଥିଲେ ହେଁ ଏହା ଆରବିଆଇ ଦ୍ୱାରା ଧାର୍ଯ୍ୟ ସୀମା ରେଖା ମଧ୍ୟରେ ରହିଛି। ସିପିଆଇ (ଗ୍ରାହକ ଦର ସୂଚକାଙ୍କ) ମୁଦ୍ରାସ୍ଫୀତି ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ସବୁବେଳେ ୨ରୁ ୬% ରଖିବା ଉପରେ ଗୁରୁତ୍ୱ ଦେଇଥାଏ। ଏହାଦ୍ୱାରା ଅର୍ଥନୀତି ଉପରେ ଦରଦାମର ବୃଦ୍ଧିର ପ୍ରଭାବ କମ ହୁଏ। ମେ'ରେ ଖୁଚୁରା ମୁଦ୍ରାସ୍ଫୀତି ବଢ଼ିଥିଲେ ହେଁ ଏହା ୬% ସୀମା ଠାରୁ ଯଥେଷ୍ଟ ଦୂରରେ ରହିଛି। ଖାଦ୍ୟ ସାମଗ୍ରୀ ଦରଦାମ ବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। କାରଣ ଏହା ସିପିଆଇ ବାସ୍କେଟ ଉପରେ ପ୍ରଭାବ ପକାଇଥାଏ। ମେ' ମାସରେ ଖାଦ୍ୟ ମୁଦ୍ରାସ୍ଫୀତି ୪.୭୮% ରହିଛି। ଏପ୍ରିଲରେ ଏହା ୪.୨୦% ରହିଥିଲା। ଏହାର ଅର୍ଥ ଖାଦ୍ୟ ସାମଗ୍ରୀର ମୂଲ୍ୟ ମାସକ ମଧ୍ୟରେ ଦ୍ରୁତଗତିରେ ବୃଦ୍ଧି ପାଇଛି। ମୁଦ୍ରାସ୍ଫୀତି ବୃଦ୍ଧିର ଅନ୍ୟତମ କାରଣ ହେଲା ତୈଳ ଦାମ ବଢ଼ିବା । ମେ' ମାସରେ ସରକାର ୪ ଥର ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି କରିଛନ୍ତି। ଏଥିଯୋଗୁ ପରିବହନ ଖର୍ଚ୍ଚ ମହଙ୍ଗା ହୋଇଛି। ଏପ୍ରିଲ ମାସରେ ପରିବହନ ମୁଦ୍ରାସ୍ଫୀତି ୦.୦୧% ରହିଥିଲା। କିନ୍ତୁ ମେ' ମାସରେ ଏହା ୧.୭୫% ହୋଇଯାଇଛି। ତୈଳ ଦର ବୃଦ୍ଧିର ସାଂଘାତିକ ପ୍ରଭାବ ସିଧାସଳଖ ଗ୍ରାହକଙ୍କ ଉପରେ ପଡ଼ିଥିବା ଏଥିରୁ ସ୍ପଷ୍ଟ ଜଣାପଡୁଛି।

## ନାଟୋକୁ ପ୍ରଦତ୍ତ ଯୁଦ୍ଧ ବିମାନ ଓ ଜାହାଜ ସଂଖ୍ୟା କମାଇପାରେ ଆମେରିକା



ୱାସିଂଟନ: ୟୁରୋପରେ ନାଟୋକୁ ଯୋଗାଇ ଦିଆଯାଇଥିବା ଯୁଦ୍ଧ ବିମାନ ଓ ଯୁଦ୍ଧ ଜାହାଜ ସଂଖ୍ୟା ହ୍ରାସ କରିବାକୁ ଆମେରିକା ଯୋଜନା କରୁଛି ବୋଲି ଗୁରୁବାର ନ୍ୟୁୟର୍କ ଟାଇମ୍ସ ରିପୋର୍ଟ କରିଛି। ୨୦୨୨ରେ ୟୁକ୍ରେନ୍ ଉପରେ ରୁଷ୍‌ର ଆକ୍ରମଣ ପରେ ୟୁରୋପୀୟ ଦେଶଗୁଡ଼ିକ ସେମାନଙ୍କର ପ୍ରତିରକ୍ଷା କ୍ଷମତା ବୃଦ୍ଧି କରିବାକୁ ସଂଘର୍ଷ କରୁଥିବା ବେଳେ ମସ୍କୋ ଏକ ନାଟୋ ଦେଶ ଉପରେ ଆକ୍ରମଣ କରିପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ମିଳିତ ମଞ୍ଚ (ନାଟୋ)କୁ 'କାଗଜ ବାଘ' ବୋଲି କହିଛନ୍ତି ଏବଂ ଏହାର ସଦସ୍ୟମାନେ ଇରାନ ବିରୋଧରେ ଆମେରିକା-ଇସ୍ରାଏଲ ଯୁଦ୍ଧରେ ଯୋଗ ଦେଇ ନ ଥିବାରୁ ନିରାଶ ହୋଇଛନ୍ତି। ୱାସିଂଟନ ୟୁରୋପକୁ ଯୋଗାଉଥିବା ଯୁଦ୍ଧ ବିମାନ ସଂଖ୍ୟା ଏକ ତୃତୀୟାଂଶ ହ୍ରାସ କରିବା, ସମସ୍ତ ଆଠଟି ଏରିଏଲ୍ ରିଫୁଏଲିଂ ଟ୍ୟାଙ୍କର୍ କାଟିବା ଏବଂ ସାମୁଦ୍ରିକ ଅନୁସନ୍ଧାନ ବିମାନ ହ୍ରାସ କରିବାକୁ ଯୋଜନା କରିଛି ବୋଲି ନ୍ୟୁୟର୍କ ଟାଇମ୍ସ ରିପୋର୍ଟ କରିଛି। ଏଥିସହ ଏକ କ୍ଷେପଣାସ୍ତ୍ର ଉତ୍କ୍ଷେପଣ ବୁଡ଼ାଜାହାଜ, ଏକ ବିମାନ ପରିବହନକାରୀ ଜାହାଜ, ବୋମାବର୍ଷୀ ବିମାନ ଓ ଅନେକ ଜେଟ୍ ଓ ଯୁଦ୍ଧ ଜାହାଜ ପ୍ରତ୍ୟାହାର କରିବାକୁ ଆମେରିକା ଯୋଜନା କରୁଛି ବୋଲି ଜଣାପଡ଼ିଛି। ୟୁଏସ୍ ୟୁରୋପୀୟ କମାଣ୍ଡ ଏହି ମାସରେ କହିଛି ଯେ, ଏହା ନାଟୋରେ ୱାସିଂଟନର ଅବଦାନକୁ ପୁନଃ ମୂଲ୍ୟାଙ୍କନ କରିବ। ଆମେରିକାର ଜେନେରାଲ୍ ଆଲେକ୍ସସ ଗ୍ରିଙ୍କେୱିଚ ୟୁରୋପକୁ ଆମେରିକାର ସୈନ୍ୟବାହିନୀ ଉପରେ ଏକ ବୋଝ ବୋଲି ଅଭିଯୋଗ କରିଛନ୍ତି। ୩୨ ସଦସ୍ୟ ବିଶିଷ୍ଟ ନାଟୋ ୧୯୪୯ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ଏହାର ସାମୂହିକ ସୁରକ୍ଷା ଏହି ନୀତି ଉପରେ ଆଧାରିତ ଯେ ଯଦି ଜଣେ ସଦସ୍ୟ ଉପରେ ଆକ୍ରମଣ ହୁଏ, ତେବେ ସମଗ୍ର ମିଳିତ ମଞ୍ଚ ଏହାର ପ୍ରତିରକ୍ଷା ପାଇଁ ଆଗେଇ ଆସିବ। ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ଗତ ସପ୍ତାହରେ କହିଥିଲେ ଯେ, ଟ୍ରମ୍ପ ଜୁଲାଇରେ ତୁର୍କୀରେ ହେବାକୁ ଥିବା ନାଟୋ ଶିଖର ସମ୍ମିଳନୀରେ ଯୋଗଦେବେ। ରୁବିଓ ଏହାକୁ ନାଟୋ ଇତିହାସର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ବୋଲି ବର୍ଣ୍ଣନା କରିଛନ୍ତି। ଏହି ବୈ?ଠକ ଉପରେ ସମସ୍ତଙ୍କର ଆଖି ରହିଛି, ଯେଉଁଠାରେ ଟ୍ରମ୍ପ କିଛି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିପାରନ୍ତି।

## ଚିକେନ୍ ଓ ପନିର ଭୋଜି ଖାଇ ୧୫୦ ଛାତ୍ରଛାତ୍ରୀ ଅସୁସ୍ଥ

ନୂଆଦିଲ୍ଲୀ: ଉଧମ ସିଂହ ନଗରସ୍ଥିତ ଗୋବିନ୍ଦବଲ୍ଲଭ ପନ୍ତ ୟୁନିଭର୍ସିଟି ଅଫ୍ ଏଗ୍ରିକଲଚର ଆଣ୍ଡ୍ ଟେକ୍ନୋଲୋଜି ହଷ୍ଟେଲରେ ଏକ ସ୍ୱତନ୍ତ୍ର ଭୋଜି ଖାଇବା ପରେ ପ୍ରାୟ ୧୫୦ ଜଣ ଛାତ୍ର ଖାଦ୍ୟ ବିଷକ୍ରିୟା ଯୋଗୁ ଅସୁସ୍ଥ ହୋଇଥିବା ଜଣାପଡ଼ିଛି। ବିଶ୍ୱବିଦ୍ୟାଳୟର ଅଧିକାରୀ ଓ ଛାତ୍ରଛାତ୍ରୀଙ୍କ କହିବା ଅନୁସାରେ, ପଟେଲ ଭବନରେ ପ୍ରାୟ ୧୮୫ ଜଣ ଦ୍ୱିତୀୟ ବର୍ଷର ଇଞ୍ଜିନିୟରିଂ ଛାତ୍ରଛାତ୍ରୀ ରୁହନ୍ତି। ଛାତ୍ରମାନେ ମେସ୍ ଅପରେଟରଙ୍କ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ଭୋଜି ଖାଇବା ପରେ ଏହି ଘଟଣା ଘଟିଥିଲା। ଶାକାହାରୀ ଛାତ୍ରମାନଙ୍କୁ ପନିର ତରକାରି ପରିବେଷଣ କରାଯାଇଥିବା ବେଳେ ଆମିଷାଶୀ ଛାତ୍ରମାନଙ୍କୁ ବଟର ଚିକେନ୍, ନାନ, ଭାତ ଓ ରସମଲାଇ ଦିଆଯାଇଥିଲା। ଭୋଜି ଖାଇବାର ପ୍ରାୟ ଏକରୁ ଦେଢ଼ ଘଣ୍ଟା ପରେ ଛାତ୍ରମାନେ ବାନ୍ତି ଓ ତରଳ ଝାଡ଼ା ହେବାର ଅଭିଯୋଗ କରିବାକୁ ଲାଗିଲେ। ପ୍ରଭାବିତ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ହଷ୍ଟେଲ କର୍ତ୍ତୃପକ୍ଷ ହଷ୍ଟେଲ ମ୍ୟାନେଜର, ୱାର୍ଡେନ ଓ ଡିନ୍‌ଙ୍କୁ ସୂଚନା ଦେଇଥିଲେ।

# କ୍ରିକେଟକୁ ଅଲବିଦା କହିଲେ ୱିଲିୟମସନ୍

ୱେଲିଂଟନ,୧୨।୬: ବିଶ୍ୱ କ୍ରିକେଟର ଅନ୍ୟତମ ଜେଣ୍ଟିଲମ୍ୟାନ ଭାବେ ପରିଚିତ କେନ ୱିଲିୟମସନ ସମସ୍ତଙ୍କୁ ଚକିତ କରି ଦେଇଛନ୍ତି। ବେଶ ଅପ୍ରତ୍ୟାଶିତ ଢଙ୍ଗରେ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଆଜି ଅବସର ଘୋଷଣା କରିଛନ୍ତି। ନ୍ୟୁଜିଲ୍ୟାଣ୍ଡ ଓ ବିଶ୍ୱ କ୍ରିକେଟର ଅନ୍ୟତମ ଶ୍ରେଷ୍ଠ ବ୍ୟାଟର ୱିଲିୟମସନ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଅଧାରେ ହିଁ ଏପରି ନିଷ୍ପତ୍ତି ନେଇଛନ୍ତି। ଇଂଲଣ୍ଡ ବିପକ୍ଷ ଲର୍ଡସ ଟେଷ୍ଟ ସେ ଖେଳିଥିଲେ। ଆସନ୍ତା ୧୭ରୁ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବ। କିନ୍ତୁ ଆଜି ୱିଲିୟମସନ ଆଉ ଅନ୍ତର୍ଜାତୀୟ କ୍ରିକେଟ ଖେଳିବେ ନାହିଁ ବୋଲି କହିଛନ୍ତି। ତାଙ୍କ ଅବସର ନିଷ୍ପତ୍ତି ତତ୍କାଳ ଭାବେ ଲାଗୁ କରିବାକୁ ସେ ଚାହୁଁଥିବା କହି ପୂରା ବିଶ୍ୱକୁ ସ୍ତବ୍ଧ କରି ଦେଇଛନ୍ତି। ୩୫ ବର୍ଷୀୟ ୱିଲିୟମସନ ଦୀର୍ଘ ୧୬ ବର୍ଷ ହେଲା ଅନ୍ତର୍ଜାତୀୟ କ୍ରିକେଟରେ ଯୋଡି ହୋଇ ରହିଥିଲେ। ସେ ନ୍ୟୁଜିଲ୍ୟାଣ୍ଡ ପାଇଁ ୩ଟି ଯାକ ଫର୍ମାଟରେ ୩୭୮ଟି ମ୍ୟାଚ



ଖେଳିଛନ୍ତି। ୪୮ଟି ଶତକ ଓ ୬ଟି ଦୁଇ ଶକତ ସେ ନ୍ୟୁଜିଲ୍ୟାଣ୍ଡ ପାଇଁ ୧୯,୩୪୬ ରନ କରିଛନ୍ତି। ୨୦୧୦ରେ କ୍ୱିୱି ଟିମ ପାଇଁ ଡେବ୍ୟୁ କରିଥିବା ଓ ଗତବର୍ଷ ନଭେମ୍ବରରେ ଅନ୍ତର୍ଜାତୀୟ ଟି-୨୦ରୁ ଅବସର ନେଇଥିବା ୱିଲିୟମସନ କହିଛନ୍ତି ଯେ ଏବେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାର ସମୟ ଆସି ଯାଇଛି।

ସେ କହିଛନ୍ତି, "ମୁଁ ବେଶ କିଛି ସମୟ ଧରି ଏବିଷୟରେ ଭାବୁଥିଲି। କିନ୍ତୁ ଏବେ ବୁଝି ପାରିଛି ଯେ ଏବେ ବି ଉପଯୁକ୍ତ ସମୟ। ଅନ୍ତର୍ଜାତୀୟ କ୍ରିକେଟ ପାଇଁ ସବୁବେଳେ ଭୋକ ରହିଥିଲା। ମୁଁ ନ୍ୟୁଜିଲ୍ୟାଣ୍ଡ ପାଇଁ ଖେଳିଥିବା ପ୍ରତିଟି ମ୍ୟାଚ୍‌ରେ ସବୁ କିଛି ଦେଇଥିଲି। ଏହା ଗୋଟିଏ ଗର୍ବର ବିଷୟ। ଏହି ଟିମକୁ ମୁଁ ବହୁତ ଭଲ ପାଏ ଓ ଏହି ଟିମ ସହ ଦୀର୍ଘ ବର୍ଷ ହେଲା ଯୋଡି ହୋଇ ରହିବା ଅତ୍ୟନ୍ତ ସୌଭାଗ୍ୟର ବିଷୟ। ଏହା ସବୁବେଳେ ମୋ ହୃଦୟର ସ୍ୱତନ୍ତ୍ର ହୋଇ ରହିବ।"

ବ୍ୟାଟିଂ ସଫଳତା ବ୍ୟତୀତ ୱିଲିୟମସନ ନ୍ୟୁଜିଲ୍ୟାଣ୍ଡର କ୍ୟାପ୍‌ଟେନ ଭାବେ ୩ଟି ଯାକ ଫର୍ମାଟରେ ଅନେକ ସଫଳତା ହାସଲ କରିଛନ୍ତି। ସେ ୪୦ଟି ଟେଷ୍ଟରେ କ୍ୱିୱି ଟିମର ନେତୃତ୍ୱ ନେଇଥିବା ବେଳେ ଦଳ ୨୨ଟି ଜିତିଛି, ୧୦ଟି ହାରିଛି ଓ ୮ଟି ଡ୍ର କରିଛି। ଏହି ସଫଳତା ଷ୍ଟେଫେନ ଫ୍ଲେମିଂ ପରେ ୱିଲିୟମସନଙ୍କୁ ନ୍ୟୁଜିଲ୍ୟାଣ୍ଡର ଦ୍ୱିତୀୟ ସଫଳ କ୍ୟାପ୍‌ଟେନ କରିପାରିଛି। ଫ୍ଲେମିଂଙ୍କ ନେତୃତ୍ୱରେ କ୍ୱିୱି ଟିମ ୨୮ଟି ଟେଷ୍ଟ ଜିତିଥିଲା। ଦିନିକିଆରେ ନ୍ୟୁଜିଲ୍ୟାଣ୍ଡ ୱିଲିୟମସନଙ୍କ ନେତୃତ୍ୱରେ ୯୧ଟି ମ୍ୟାଚ୍‌ରୁ ୪୬ଟିରେ ଜିତିଥିଲା। ସେହିପରି ୭୫ଟି ଟି-୨୦ ମ୍ୟାଚ୍‌ରୁ କ୍ୱିୱି ଟିମ ୪୬ଟିରେ ବାଜିମାତ କରିଛି। ୱିଲିୟମସନଙ୍କ ନେତୃତ୍ୱରେ ନ୍ୟୁଜିଲ୍ୟାଣ୍ଡ କ୍ରିକେଟ ଅନେକ ସଫଳତା ପାଇଛି। ୨୦୧୬ରେ ସେ ଦଳକୁ ଟି-୨୦ ବିଶ୍ୱକପ ସେମି ଫାଇନାଲକୁ ନେଇଥିଲେ। ୨୦୧୯ ଦିନିକିଆ ବିଶ୍ୱକପ ଫାଇନାଲ ଦଳ ୱିଲିୟମସନଙ୍କ ନେତୃତ୍ୱରେ ହିଁ ଖେଳିଥିଲା। ୨୦୨୧ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନ ଫାଇନାଲରେ ୱିଲିୟମସନଙ୍କ ନ୍ୟୁଜିଲ୍ୟାଣ୍ଡ ବିଜୟୀ ହୋଇଥିଲା। ଭାରତକୁ ହରାଇ ଦଳ ଟେଷ୍ଟ ଗଦା ଉଠାଇଥିଲା। ଏହାବାଦ ୨୦୨୧ ଟି-୨୦ ବିଶ୍ୱକପ ଫାଇନାଲ, ୨୦୨୨ ଟି-୨୦ ବିଶ୍ୱକପ ସେମି ଫାଇନାଲ ଓ ୨୦୨୩ ଦିନିକିଆ ବିଶ୍ୱକପ ସେମି ଫାଇନାଲ ମଧ୍ୟ ନ୍ୟୁଜିଲ୍ୟାଣ୍ଡ ୱିଲିୟମସନଙ୍କ କ୍ୟାପ୍‌ଟେନ୍ସିରେ ଖେଳିଥିଲା। ୱିଲିୟମସନ ଜଣେ ଦକ୍ଷ ଖେଳାଳି ଭାବେ ବେଶ ପରିଚିତ। ୨୦୧୯ ଆଇସିସି ପୁରୁଷ ଦିନିକିଆ ବିଶ୍ୱକପରେ ସେ ଶ୍ରେଷ୍ଠ ଖେଳାଳି ଓ ସମାନ ବର୍ଷ ଆଇସିସି ଟେଷ୍ଟ ପ୍ଲେୟାର ଅଫ ଦ ଇୟର ସମ୍ମାନ ମଧ୍ୟ ପାଇଥିଲେ।

## ପଟିଆ ପ୍ରିମିଅର ଲିଗ୍ ଉଦ୍‌ଘାଟିତ

ଭୁବନେଶ୍ୱର,୧୨।୬ ପଟିଆଗଡ ଯାତ୍ରା ପଡିଆ ଠାରେ ସଟ୍ ବାଉଣ୍ଡରୀ ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟପଟିଆ ପ୍ରିମିଅର ଲିଗ୍ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେପି ନେତା ଗୋଲକ ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ୧ ନଂ ୱାର୍ଡର କର୍ପୋରେଟର ମିହିର କୁମାର ରାଉତ, ଯୁବନେତା ତ୍ରୈଲୋକ ନାଥ ରାଉତ, ହିମାଂଶୁ ଶେଖର ଦାସ, ସୁବାସ ଜେନା , ମନୋରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରିମିଅର ଲିଗ୍ ୧୨ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ପଟିଆ ଗ୍ରାମର ୬ଟି ଦଳ ଯଥା ପଟିଆ ଟାଇଗର, ଇଗଲ କିଙ୍ଗସ୍, ପଟିଆ ଲାୟନ୍ସ, ବ୍ଲାକ ପାନ୍ଥସ୍, ଫାୟାର ବଲ ଓ ଜୟଦେବ ଫାଟରସ୍



ଅଂଶଗ୍ରହଣ କରିଛନ୍ତି। ଆଇପିଏଲ ଢାଞ୍ଚାରେ ପ୍ରତ୍ୟେକ ଟିମ୍ ୫ ଟି ଦଳ ସହିତ ଖେଳିବ। ୩୦ ଟି ଲିଗ୍ ମ୍ୟାଚ ଖେଳ ହେବା ପରେ ସର୍ବାଧିକ ପେଣ୍ଟ ଅର୍ଜନ କରିଥିବା ୪ ଟି ଟିମ୍ ସେମି ଫାଇନାଲ ଖେଳିବେ। ଏହା ପରେ ଦୁଇ ବିଜେତାଙ୍କ ମଧ୍ୟରେ ଫାଇନାଲ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି। ଚାମ୍ପିଅନ ଓ ରନର୍ସଅପ୍ ଟିମକୁ ଆକର୍ଷଣୀୟ ଟ୍ରଫି ଓ ନଗଦ ଅର୍ଥରାଶି ସହିତ ତୃତୀୟ ସ୍ଥାନ ଅଧିକାର କରିଥିବା ଟିମ୍‌କୁ ଅର୍ଥରାଶି ପ୍ରଦାନ କରାଯିବ ବୋଲି ଆୟୋଜକ କମିଟ ପକ୍ଷରୁ କୁହାଯାଇଛି। ପଟିଆ ଗ୍ରାମର ଏକତା ବଜାୟ ରଖିବା ଓ ଯୁବପିଢୀ ମାନଙ୍କ ମଧ୍ୟରେ ଭାଇଚାରା ବୃଦ୍ଧି ଏବଂ ଦକ୍ଷ ଖେଳାଳି ପ୍ରସ୍ତୁତ କରିବା ପାଇଁ ଏଭଳି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଛି ବୋଲି ମୁଖ୍ୟ ପରିଚାଳକ ସାଗର ଚନ୍ଦ୍ର ରାଉତ, ବିକି ଦାସ, ଆନ ଜେନା, ଲିକୁ ଜେନା କହିଛନ୍ତି।

### ବର୍ଷା ସାଜିଲା କାଳ

# ଆଫଗାନିସ୍ତାନ ଏ ଠାରୁ ୪ ରନରେ ହାରିଗଲା ଭାରତ ଏ

କଲମ୍ବୋ,୧୨।୬: ଶ୍ରୀଲଙ୍କା ଏ ବିପକ୍ଷରେ ରୋମାଞ୍ଚକର ବିଜୟ ହାସଲ କରିଥିବା ଭାରତୀୟ ଏ ଟିମକୁ ଆଜି ବଡ ଝଟକା ଲାଗିଛି। ତଲିକ ବର୍ମାଙ୍କ ଭାରତ ଆଜି ମାତ୍ର ୪ ରନରେ ଆଫଗାନିସ୍ତାନ ଏ ଠାରୁ ହାରି ଯାଇଛି। ବାସ୍ତବରେ ବର୍ଷା ହିଁ ଭାରତୀୟ ଏ ଟିମ ପାଇଁ କାଳ ସାଜିଛି। ଆଫଗାନ ଏର ବ୍ୟାଟିଂ ବେଳେ ଅଧାରୁ ବର୍ଷା ହୋଇଥିଲା। ଏଥିଯୋଗୁ ଡିଏଲଏସ ମେଥଡ ଅନୁସାରେ ଆଫଗାନିସ୍ତାନ ଏକୁ ବିଜେତା ଘୋଷଣା କରାଯାଇଛି।



ଶ୍ରୀଲଙ୍କାରେ ଚାଲିଥିବା ତ୍ରିପାକ୍ଷିକ ଦିନିକିଆ ସିରିଜରେ ଏହା ଭାରତୀୟ ଏ ଟିମର ପ୍ରଥମ ପରାଜୟ। ପ୍ରଥମ ମ୍ୟାଚ୍‌ରେ ଦଳ ଶ୍ରୀଲଙ୍କା ଏକୁ ୮ ରନରେ ହରାଇ ଦେଇଥିଲା। ଆଜି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଭାରତୀୟ ଇନିଂସରେ ବର୍ଷା ବାଧକ ସାଜିଥିଲା। ତଥାପି ଓପନର ପ୍ରବସିମରନ ସିଂହଙ୍କ ୮୪, ଋତୁରାଜ ଗାଏକ୍ୱାଡ ୬୬ ଓ ଅଧିନାୟକ ତଲିକ ବର୍ମାଙ୍କ ୬୬ ରନ ବଳରେ ଦଳ ନିର୍ଦ୍ଧାରିତ ୪୯ ଓଭରରେ ୯ ୱିକେଟ ହରାଇ ୩୪୯ ରନ କରିଥିଲା। ଯୁବ ତାରକା ବୈଭବ ସୂର୍ଯ୍ୟବଂଶୀ ଆଜିର ମ୍ୟାଚ୍ ଖେଳୁଥିଲେ ହେଁ ସେ ୨୨ ବଲରେ କେବଳ ୪୪ ରନ କରିଥିଲେ।

ଆଫଗାନିସ୍ତାନକୁ ୪୯ ଓଭରରେ ୩୫୦ ରନ କରିବାର ଥିଲା। କିନ୍ତୁ ଇନିଂସ ଆରମ୍ଭରୁ ବର୍ଷା ଆରମ୍ଭ ହୋଇଯାଇଥିଲା। ଫଳରେ ଡିଏଲଏସ୍ ମେଥଡ ଅନୁସାରେ ଆଫଗାନିସ୍ତାନକୁ ୩୮ ଓଭରରେ ୨୯୪ ରନର ଟାର୍ଗେଟ ମିଳିଥିଲା। ଆଫଗାନ ଏହାକୁ ପିଛା କରୁଥିବା ବେଳେ ୬୯ ରନ ସୁଦ୍ଧା ୨ଟି ୱିକେଟ ହରାଇ ସାରିଥିଲା। ଏତିକି ବେଳେ ଅଧିନାୟକ ଇମରାନ ମୀର ଓ ବହିର ଶାହ ସ୍ଥିତି ସମ୍ଭାଳିଥିଲେ।

ଉଭୟ ନିଜ ନିଜର ଅର୍ଦ୍ଧଶତକ ହାସଲ କରି ୨୫.୫ ଓଭର ସୁଦ୍ଧା ଦଳୀୟ ସ୍କରକୁ ୧୭୭ ରନରେ ପହଞ୍ଚାଇ ଦେଇଥିଲେ। ମୀର ୭୦ ବଲରେ ୭୫ ଓ ଶାହ ୫୨ ବଲରେ ୫୧ ରନ କରିଥିବା ବେଳେ ପୁଣି ବର୍ଷା ହୋଇଥିଲା।

ବର୍ଷା ଆଉ ନ ଛାଡିବାରୁ ଡିଏଲଏସ ମେଥଡକୁ ଆପଣା ଯାଇଥିଲା। ଏହି ସମୟରେ ଆଫଗାନିସ୍ତାନ ୪ ରନ ଆଗରେ ରହିଥିବା ଜଣାପଡିଥିଲା। ଆଉ ଏହି ୪ ରନ ବଳରେ ଆଫଗାନିସ୍ତାନ ବିଜୟ ହାସଲ କରିଛି।

ଦଳ କେବଳ ଖାଲି ବିଜୟ ହାସଲ କରନି, ବରଂ ପଏଣ୍ଟ ଟେବୁଲର ଶୀର୍ଷରେ ପହଞ୍ଚି ଯାଇଛି। ୭୦ ବଲରେ ୭୫ ଓ ଗୋଟିଏ ୱିକେଟ ନେଇଥିବା ମୀର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି।

ଭାରତ ଆସନ୍ତା ୧୫ରେ ପୁଣି ଶ୍ରୀଲଙ୍କା ଏ ଓ ୧୭ ତାରିଖରେ ଆଫଗାନିସ୍ତାନ ଏ ସହ ଖେଳିବ। ସେହିପରି ଆଫଗାନିସ୍ତାନ ମଧ୍ୟ ଶ୍ରୀଲଙ୍କା ଏ ସହ ଦୁଇଟି ମ୍ୟାଚ୍ ଖେଳିବ। ରାଉଣ୍ଡ ରବିନ ଫର୍ମାଟରେ ଗୋଟିଏ ଦଳ ୪ଟି ଲେଖାଏ ମ୍ୟାଚ୍ ଖେଳିବା ପରେ ଟପ ୨ ଟିମ ଫାଇନାଲ ଖେଳିବେ।

# ବିଳମ୍ବ ହୋଇପାରେ ସୂର୍ଯ୍ୟବଂଶୀଙ୍କ ଟିମ ଇଣ୍ଡିଆ ଡେବ୍ୟୁ

ଭାରତର ସିନିୟର ଟି-୨୦ ଟିମରେ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ ଡେବ୍ୟୁକୁ ସମସ୍ତେ ଅପେକ୍ଷା କରିଛନ୍ତି। ହେଲେ ଏହାକୁ ନେଇ ଗୋଟିଏ ଖରାପ ଖବର ସାମ୍ନାକୁ ଆସିଛି। ଆଗାମୀ ଆୟର୍ଲ୍ୟାଣ୍ଡ ଓ ଇଂଲଣ୍ଡ ବିପକ୍ଷ ସିରିଜ ପାଇଁ ବୈଭବ ସିନିୟର ଟିମର ସ୍କ୍ୱାଡରେ ରହିଛନ୍ତି। ଭାରତୀୟ ସିନିୟର ଟିମର ଟି-୨୦ ସ୍କ୍ୱାଡରେ ସ୍ଥାନ ପାଇ ସେ କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିଛନ୍ତି। ଏବେ କେବଳ ସମସ୍ତଙ୍କ ଅପେକ୍ଷା ଯେ ବୈଭବ କେବେ ଭାରତୀୟ ଟି-୨୦ ଟିମର ଚୂଡାନ୍ତ ଏକାଦଶରେ ସାମିଲ ହେଉଛନ୍ତି। ଆଶା କରାଯାଉଥିଲା ଯେ ଆୟର୍ଲ୍ୟାଣ୍ଡ ବିପକ୍ଷ ୨ଟିକିଆ ସିରିଜରେ ବୈଭବ ବିଧିବଦ୍ଧ ଭାବେ ଟିମ ଇଣ୍ଡିଆରେ ଡେବ୍ୟୁ କରିବେ। କିନ୍ତୁ ଏବେ ଭାରତୀୟ ଏ ଟିମ ପାଇଁ ଶ୍ରୀଲଙ୍କାରେ ତ୍ରିପାକ୍ଷିକ ସିରିଜ ଖେଳୁଥିବା ବୈଭବଙ୍କ ପାଇଁ ଖରାପ ଖବର ଆସିଛି। ଭାରତୀୟ ଜାତୀୟ ଟିମରେ ତାଙ୍କ ଡେବ୍ୟୁ ବିଳମ୍ବିତ ହେବାର ଆଶଙ୍କା ପ୍ରକାଶ ପାଇଛି। କାରଣ ଆୟର୍ଲ୍ୟାଣ୍ଡରେ ଏବେ ବ୍ୟାପକ ହିଂସାକାଣ୍ଡ ଦେଖିବାକୁ ମିଳିଛି। ଏହି କାରଣରୁ ଭାରତ ବିପକ୍ଷ ସିରିଜ ମଧ୍ୟ ବାତିଲ ହେବାର ଆଶଙ୍କା ରହିଛି। ସିରିଜ ବାତିଲ ହେଲେ ବୈଭବଙ୍କ ଡେବ୍ୟୁ ମଧ୍ୟ ବିଳମ୍ବିତ ହେବ।



ହିଂସାକାଣ୍ଡ ଯୋଗୁ ଲିସବର୍ଣ୍ଣରେ ହେବାକୁ ଥିବା ଅନ୍ତଃ ପ୍ରାଦେଶିକ ଟି-୨୦ ପର୍ବକୁ ବାତିଲ କରି ଦିଆଯାଇଛି। କ୍ରିକେଟ ଆୟର୍ଲ୍ୟାଣ୍ଡ ପକ୍ଷରୁ କୁହାଯାଇଛି ଯେ ରବିବାର ହେବାକୁ ଥିବା ଆୟର୍ଲ୍ୟାଣ୍ଡ ସିନିୟର କପ ଓ ଜାତୀୟ ମ୍ୟାଚ୍ ସୂଚୀଗୁଡିକୁ ଏଯାଏ ବାତିଲ କରାଯାଇ ନାହିଁ। ଏହି ମ୍ୟାଚ୍ ଗୁଡିକ ବାତିଲ ହେବ କି ନାହିଁ, ତା'ର ନିଷ୍ପତ୍ତି ଆସନ୍ତା ୪୮ ଘଣ୍ଟା ମଧ୍ୟରେ ନିଆଯିବ। ଯଦି ହିଂସା ସ୍ଥିତିରେ କୌଣସି ପରିବର୍ତ୍ତନ ଆସିବ ନାହିଁ, ତା'ହେଲେ ଆୟର୍ଲ୍ୟାଣ୍ଡ ବନାମ ଭାରତ ସିରିଜ ପ୍ରତି ମଧ୍ୟ ବିପଦ ରହିଥିବା ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ବୋର୍ଡ କହିଛି ଯେ "ଏବେ କ୍ରିକେଟ ଆୟର୍ଲ୍ୟାଣ୍ଡ ସ୍ଥିତିର ସମୀକ୍ଷା କରୁଛି। ସମସ୍ତ ଅଧିକାରୀ ଓ ପ୍ରାଦେଶିକ ୟୁନିୟନ ସହ ଯୋଗାଯୋଗ କରାଯାଉଛି। ଖେଳାଳି, କୋଚ, ମ୍ୟାଚ ଅଧିକାରୀ ଓ ସମର୍ଥକଙ୍କ ସୁରକ୍ଷା ସର୍ବୋପରି। ତେଣୁ ସବୁ କିଛିକୁ ବିଚାରକୁ ନେଇ ସମୟ ପୂର୍ବରୁ ସବୁ କିଛି ଅବଗତ କରାଯିବ।"

ଅନ୍ୟପକ୍ଷରେ ବିସିସିଆଇ ମଧ୍ୟ ଆୟର୍ଲ୍ୟାଣ୍ଡ ସ୍ଥିତି ଉପରେ ନଜର ରଖିଛି। ଯଦି ସ୍ଥିତିରେ ସୁଧାର ନ ଆସି, ତା'ହେଲେ ବେଲଫାଷ୍ଟରୁ ମ୍ୟାଚ ସ୍ଥାନାନ୍ତର ପାଇଁ ବି ବିସିସିଆଇ ନିଷ୍ପତ୍ତି ନେଇପାରେ। ସିରିଜ ବାତିଲ ହେବାର ଆଶଙ୍କା ଥିବାରୁ ବୈଭବଙ୍କ ଡେବ୍ୟୁକୁ ନେଇ ମଧ୍ୟ ସମସ୍ତେ ଚିନ୍ତା ପ୍ରକଟ କରିଛନ୍ତି। ଆଇପିଏଲରେ ଦମଦାର ପ୍ରଦର୍ଶନ କରିଥିବା ବୈଭବ ଏବେ ଶ୍ରୀଲଙ୍କାରେ ଭାରତ ଏ ପାଇଁ ଦିନିକିଆ ସିରିଜ ଖେଳୁଛନ୍ତି।

ଆଇପିଏଲରେ ଛକା ବର୍ଷା କରୁଥିବା ବୈଭବ ଶ୍ରୀଲଙ୍କାରେ ଏଯାଏ ଆଖି ଦୃଶିଆ ପ୍ରଦର୍ଶନ କରି ପାରି ନାହାନ୍ତି। ଶ୍ରୀଲଙ୍କା ଏ ବିପକ୍ଷରେ ସେ କେବଳ ୧୪ ରନ କରିଥିଲେ। ଗୁରୁବାର ଆଫଗାନିସ୍ତାନ ଏ ବିପକ୍ଷରେ ସେ ୨୨ ବଲରେ ୪୪ ରନ କରିଛନ୍ତି। କିନ୍ତୁ ଏହି ଇନିଂସରେ ତାଙ୍କ ବ୍ୟାଟରୁ ଗୋଟିଏ ବି ଛକା ଦେଖିବାକୁ ମିଳିନି।

# ବାଂଲାଦେଶ ଠାରୁ ପ୍ରଥମଥର ସିରିଜ ହାରିଲା ଅଷ୍ଟ୍ରେଲିଆ

ଢାକା : ଅଷ୍ଟ୍ରେଲିଆ ବିପକ୍ଷରେ ଐତିହାସିକ ବିଜୟ ହାସଲ କରିଛି ବାଂଲାଦେଶ କ୍ରିକେଟ ଟିମ। ପ୍ରଥମଥର ପାଇଁ କୌଣସି ଦ୍ୱିପାକ୍ଷିକ ଦିନିକିଆ ସିରିଜରେ ବାଜିମାତ କରି ବାଂଲାଦେଶ। ୧୯୯୦ରେ ଦୁଇ ଦେଶ ପ୍ରଥମଥର କୌଣସି ଦିନିକିଆ ମ୍ୟାଚ୍ ଖେଳିଥିଲେ। ସେବେଠାରୁ ଅନେକ ଥର ବାଂଲାଦେଶ କ୍ରିକେଟ ଟିମ ଅଷ୍ଟ୍ରେଲିଆ ବିପକ୍ଷରେ ଦ୍ୱିପାକ୍ଷିକ ସିରିଜ ଖେଳିଛି। କିନ୍ତୁ କେବେ ବି ବାଂଲାଦେଶକୁ ସଫଳତା ମିଳି ନଥିଲା। କିନ୍ତୁ ୨୦୨୬ରେ ସ୍ଥିତି ବଦଳିଛି। ଅଷ୍ଟ୍ରେଲିଆକୁ ବାଂଲାଦେଶ ଦିନିକିଆ ସିରିଜରେ ହରାଇ ଦେଇଛି। ଏହାପୂର୍ବରୁ ଅଷ୍ଟ୍ରେଲିଆ ଟିମ ପାକିସ୍ତାନ ଠାରୁ ଦିନିକିଆ ସିରିଜ ୧-୨ରେ ହାରିଥିଲା। ନିଜ ହୋମ ଗ୍ରାଉଣ୍ଡରେ ଦିନିକିଆ ସିରିଜ ଖେଳୁଥିବା ବାଂଲାଦେଶ ପ୍ରଥମ ମ୍ୟାଚ୍‌କୁ ୮୬ ରନରେ ଜିତିଥିଲା। ଏହା ୨୧ ବର୍ଷ ପରେ ଅଷ୍ଟ୍ରେଲିଆ ବିପକ୍ଷରେ ବାଂଲାଦେଶର ପ୍ରଥମ ଦିନିକିଆ ବିଜୟ ଥିଲା। ଏହି ଧାରାକୁ ବଜାୟୀ ରଖି ୩ ଟିକିଆ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ୍‌କୁ ମଧ୍ୟ ଆଜି ବାଂଲାଦେଶ ୫ ୱିକେଟରେ ଜିତି ନେଇଛି। କେବଳ ଦଳ ସିରିଜ ହାରିନି, ବରଂ ନିଜ ୫୫ ବର୍ଷର ଦିନିକିଆ ଇତିହାସରେ ଲଜ୍ଜାଜନକ ରେକର୍ଡର ଅଧିକାରୀ ହୋଇଛି। ଢାକାର ଶେର ଇ ବାଂଲା ଷ୍ଟାଡିୟମରେ ଖେଳା ଯାଉଥିବା ଦ୍ୱିତୀୟ ଦିନିକିଆରେ କଙ୍ଗାରୁ ଟିମ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ତିନି ଟିକିଆ ଦିନିକିଆ ସିରିଜରେ ଦଳ ୦-୧ରେ ପଛରେ ଥିବାରୁ ଜିତିବା ଲକ୍ଷ୍ୟ ନେଇ ମୈଦାନକୁ ଓହ୍ଲାଇଥିଲା। କିନ୍ତୁ ଇନିଂସର ପ୍ରଥମ ୨ ଓଭରରେ ଦଳ ଖାତା ଖୋଲିବା ପୂର୍ବରୁ ୩ ୱିକେଟ ହରାଇଥିଲା। ଏହି ବିପର୍ଯ୍ୟୟର ଶୁଭାରମ୍ଭ ପ୍ରଥମେ ତସ୍କିନ ଅହମଦ ଆରମ୍ଭ କରିଥିଲେ। ସେ ପ୍ରଥମ ଓଭରରେ ମାଥ୍ୟୁ ଶର୍ଟଙ୍କୁ କ୍ଲିନବୋଲ୍ଡ କରିଥିଲେ। ପରବର୍ତ୍ତୀ ଓଭରର ପ୍ରଥମ ବଲରେ ମୁସ୍ତାଫିଜୁର ରହମନ ବାମହାତର କୁପର କନୋଲୀଙ୍କୁ ପାଭିଲିୟନ ପଠାଇଥିଲେ। ସ୍କୋରବୋର୍ଡରେ କୌଣସି ରନ ଯୋଡିବା ପୂର୍ବରୁ ୩ ୱିକେଟ ହରାଇବା ଅଷ୍ଟ୍ରେଲିଆର ଦିନିକିଆ ଇତିହାସରେ ପ୍ରଥମ ଘଟଣା। ଅଷ୍ଟ୍ରେଲିଆ ବିନା ରନରେ ୩ ୱିକେଟ ହରାଇଥିଲେ ହେଁ ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ୪୨ ଓଭର ବ୍ୟାଟିଂ କରି ୮ ୱିକେଟ ହରାଇ ୧୮୭ ରନ କରିଛି। ଏହାପରେ ବାଂଲାଦେଶକୁ ୪୧ ଓଭରରେ ୧୯୨ ରନର ଟାର୍ଗେଟ ମିଳିଥିଲା। ବାଂଲାଦେଶ ୫ ୱିକେଟ ହରାଇ ୩୬ ବଲ ପୂର୍ବରୁ ବିଜୟ ଟାର୍ଗେଟକୁ ହାସଲ କରି ନେଇଛି। ଦଳ ପାଇଁ ସୌମ୍ୟ ସରକାର ୪୨, ନଜିମୁଲ ହୁସେନ ସାଣ୍ଟୋ ୪୧ ଓ ତୋହିଦ ହୃଦୟ ଅପରାଜିତ ୪୦ ରନର ଇନିଂସ ଖେଳିଛନ୍ତି। ଅଧିନାୟକ ମେହିଦ ହାସନ ମିରାଜ ୨୨ ବଲରେ ଅପରାଜିତ ୨୨ ରନ କରିବା ସହ ୬ ଛକା ମାରି ବାଂଲାଦେଶକୁ ଐତିହାସିକ ବିଜୟ ଭେଟି ଦେଇଛନ୍ତି।

# ଫିଫା ବିଶ୍ୱକପର ପ୍ରଥମ ଦିନରେ ୩ ରେଡ କାର୍ଡ

ନୂଆଦିଲ୍ଲୀ : ଆରମ୍ଭ ହୋଇଯାଇଛି ଫୁଟବଲର ସବୁଠାରୁ ବଡ ମହାକୁମ୍ଭ ଫିଫା ବିଶ୍ୱକପ। ପ୍ରଥମ ଥର ପାଇଁ ୪୮ ଦେଶକୁ ନେଇ ୩ଟି ରାଷ୍ଟ୍ରରେ ଫିଫା ବିଶ୍ୱକପ ଆୟୋଜନ ହେଉଛି। ଆମେରିକା, କାନାଡା ଓ ମେକ୍ସିକୋ ମିଳିତ ଭାବେ ଫିଫା ବିଶ୍ୱକପର ଆୟୋଜନ କରୁଛନ୍ତି। ଏହା ଫିଫା ବିଶ୍ୱକପ ଇତିହାସର ସବୁଠାରୁ ଲମ୍ବା ସଂସ୍କରଣ। କାରଣ ପ୍ରଥମଥର ପାଇଁ ୪୮ଟି ଦଳ ଫିଫା ବିଶ୍ୱକପରେ ଭାଗ ନେଉଛନ୍ତି।

ଫିଫା ବିଶ୍ୱକପ ୨୦୨୬ ବେଶ ନାଟକୀୟ ଢଙ୍ଗରେ ଆରମ୍ଭ ହୋଇଛି। ପ୍ରଥମ ଦିନର ପ୍ରଥମ ମ୍ୟାଚ୍‌ରେ ଦେଖିବାକୁ ମିଳିଛି ୩ଟି ରେଡ କାର୍ଡ। ଶେଷରେ ମେକ୍ସିକୋ ଚମତ୍କାର ଢଙ୍ଗରେ ଦକ୍ଷିଣ ଆଫ୍ରିକାକୁ ୨-୦ରେ ହରାଇ ଦେଇଛି। ତେବେ ଆୟୋଜକ ମେକ୍ସିକୋର ଗୋଲସ୍କରରମାନେ ଆଜି ମ୍ୟାଚ୍ ପରେ ଚର୍ଚ୍ଚାକୁ ଆସି ନାହାନ୍ତି।

ବରଂ ମ୍ୟାଚ୍‌ର ବ୍ରାଜିଲ ରେଫରୀ ୱିଲଟନ ସାମପାଇଓ ସମସ୍ତଙ୍କ ଫୋକସରେ ରହିଛନ୍ତି। ସେ ଏବେ ସୋଶାଲ ମିଡିଆରେ ଟ୍ରେଣ୍ଡ କରୁଛନ୍ତି। କାରଣ ମ୍ୟାଚ ବେଳେ ସେ ୩ଟି ରେଡ କାର୍ଡ ଉଭୟ ଦଳକୁ ଦେଇଛନ୍ତି। ଦକ୍ଷିଣ ଆଫ୍ରିକାର ୨ ଜଣ ଓ ମେକ୍ସିକୋର



ଜଣେ ଖେଳାଳି ରେଡ କାର୍ଡ ପାଇଁ ଅଧାରୁ ପଡିଆ ଛାଡିବା ବେଶ ଚର୍ଚ୍ଚାର ବିଷୟ ପାଲଟିଛି।

ପ୍ରଥମ ମ୍ୟାଚ୍ ଭାରତୀୟ ସମୟ ରାତି ୧୨.୩୦ରେ ହୋଇଥିଲା। ଦ୍ୱିତୀୟ ମ୍ୟାଚଟି ସକାଳ ୬.୩୦ରେ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ କୋରିଆ ୨-୧ରେ ଚେକ ଗଣରାଜ୍ୟକୁ ପରାସ୍ତ କରି ନିଜର ବିଶ୍ୱକପ ଅଭିଯାନ ଆରମ୍ଭ କରିଛି।

୨-୦ରେ ଜିତିଲା ମେକ୍ସିକୋ - ବିଶ୍ୱକପର ସହ ଆୟୋଜକ ମେକ୍ସିକୋ ମ୍ୟାଚ୍‌ରେ ଦୁଇଟି ଗୋଲ କରି ବେଶ ସହଜରରେ ବାଜିମାତ କରିଛି। କିନ୍ତୁ ଖେଳାଳିଙ୍କ ବିଶୃଙ୍ଖଳ ଆଚରଣ ପୂରା ମ୍ୟାଚର ଶୀର୍ଷକ ବନିଛି। ଏଥିପାଇଁ ୩ ଖେଳାଳିଙ୍କୁ ରେଫରୀ ୩ ରେଡ କାର୍ଡ ଦେଖାଇବାକୁ ବାଧ ହୋଇଛନ୍ତି। ମ୍ୟାଚ୍‌ର ୯ମ ମିନିଟ୍‌ରେ ଜୁଲିଆନ୍ କ୍ୱିନୋନେସ୍ ଦକ୍ଷିଣ ଆଫ୍ରିକା ଗୋଲକିପର ରୋନୱେନ୍ ୱିଲିୟମ୍ସଙ୍କୁ ମାତ ଦେଇ ଚଳିତ ବିଶ୍ୱକପରେ ପ୍ରଥମ ଗୋଲ ସ୍କର କରିଥିଲା। ଏହାପରେ ଅର୍ଥାତ ହାଫ ଟାଇମପରେ ଦଳର ଅଭିଜ୍ଞ ଖେଳାଳି ରାଉଲ୍ ହିମେନେଜ୍ ହେଡର୍ ମାଧ୍ୟମରେ ଦ୍ୱିତୀୟ ଗୋଲ୍ କରି ମେକ୍ସିକୋର ବିଜୟକୁ ନିଶ୍ଚିତ କରିଥିଲେ। ହେଲେ ବିଶୃଙ୍ଖଳା ଆଚରଣ ପାଇଁ ଦକ୍ଷିଣ ଆଫ୍ରିକାର ସ୍ଫେଫେଲୋ ସିଥୋଲେ ଓ ଥେମ୍ବା ଜ୍ୱାନେଙ୍କ ସହ ମେକ୍ସିକୋର ସେଜାର୍ ମୋଣ୍ଟେସ୍‌ଙ୍କୁ ରେଫରୀ ସିଧାସଳଖ ରେଡ୍ କାର୍ଡ ଦେଖାଇ ମ୍ୟାଚ୍ ଅଧାରୁ ବିଦା କରିଥିଲା। ଦକ୍ଷିଣ ଆଫ୍ରିକା ହାଫ ଟାଇମର କିଛି ସମୟ ପରେ ୯ ଜଣ ଖେଳାଳିଙ୍କୁ ନେଇ ମ୍ୟାଚ୍ ଖେଳିବାକୁ ବାଧ ହୋଇଥିଲା। ଦେଖାଯାଇଥିଲା।

୨-୧ରେ ଚେକ ଗଣରାଜ୍ୟକୁ ହରାଇଲା ଦକ୍ଷିଣ କୋରିଆ -ମେକ୍ସିକୋର ଅନ୍ୟତମ ସହର ଗୁଆଡାଲାହାରାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଦକ୍ଷିଣ କୋରିଆ ୨-୧ ଗୋଲ୍‌ରେ ଚେକ ଗଣରାଜ୍ୟକୁ ପରାସ୍ତ କରିଛି। ମ୍ୟାଚ୍‌ର ପ୍ରଥମ ହାଫରେ ଉଭୟ ଟିମ ଆଟାକ କରିଥିଲେ ହେଁ ଗୋଲ ସ୍କୋରକରି ପାରି ନଥିଲେ। କିନ୍ତୁ ଦ୍ୱିତୀୟାର୍ଦ୍ଧରେ ତିନୋଟି ଯାକ ଗୋଲ୍ ଦେଖିବାକୁ ମିଳିଥିଲା।

ଚେକ ଗଣରାଜ୍ୟର ଅଧିନାୟକ ଲାଡିସ୍ଲାଭ୍ କ୍ରେଜ୍‌ଚି ମ୍ୟାଚ୍‌ର ୫୯ତମ ମିନିଟ୍‌ରେ ଗୋଲ ସ୍କର କରି ଦଳକୁ ଆଗୁଆ କରିଥିଲେ। ୦-୧ ପଛରେ ଥିବା ଦକ୍ଷିଣ କୋରିଆ ଏହାପରେ ଜବରଦସ୍ତ କମବ୍ୟାକ କରିଥିଲା।

ମ୍ୟାଚର ୬୭ତମ ମିନିଟ୍‌ରେ ଦକ୍ଷିଣ କୋରିଆ ପାଇଁ ହ୍ୱାଙ୍ଗ୍ ଇନ୍-ବିଓମ୍ ଗୋଲ ସ୍କର କରି ସ୍ଥିତିକୁ ୧-୧ କରିଥିଲା। ପରେ ୮୦ତମ ମିନିଟ୍‌ରେ ହ୍ୱାଙ୍ଗ୍ ଇନ୍-ବିଓମ୍ ଡାହାଣ ପାର୍ଶ୍ୱରୁ ଦେଇଥିବା ସଠିକ୍ କ୍ରସ୍‌କୁ ଓହ୍ ହ୍ୟୋନ୍-ଗ୍ୟୁ ଗୋଲ୍‌ରେ ପରିଣତ କରି ଦଳକୁ ବିଜୟ ଭେଟି ଦେଇଥିଲେ। ଏହି ରୋମାଞ୍ଚକ ମୁକାବିଲାରେ ହ୍ୱାଙ୍ଗ୍ ଇନ୍-ବିଓମ୍ ମ୍ୟାଚ୍‌ର ସର୍ବଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଛନ୍ତି।

## ୪୯ ବର୍ଷରେ ଚାଲିଗଲେ ଭାରତୀୟ ଶୁଟର ଯଶପାଲ ରାଣା

ନୂଆଦିଲ୍ଲୀ : ଭାରତର ଅନ୍ୟତମ ପ୍ରସିଦ୍ଧ ଶୁଟର ତଥା କୋଚ୍ ଯଶପାଲ ରାଣାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୪୯ ବର୍ଷ ହୋଇଥିଲା। ଦିଲ୍ଲୀର ଏକ ଘରୋଇ ହସ୍‌ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି।

ମେ' ୨୪ରୁ ୩୧ ଯାଏ ଜର୍ମାନୀର ମୁନିଚରେ ଓଝଝର ଡବ୍ଲ୍ୟୁକ୍ଷୟ ଉଙ୍କକ୍ସ ଅନୁଷ୍ଠିତ ହୋଇଥିଲା। ସେହି ସମୟରେ ସେଠାରେ ଥିବା ଯଶପାଲ ରାଣା ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। କିନ୍ତୁ ସେ ଏହାକୁ ଗୁରୁତ୍ୱ ଦେଇ ନଥିଲେ। ଏସିଡିଟୀ ହୋଇଥିବ ଭାବି ଡାକ୍ତରଙ୍କ ପରାମର୍ଶ ନେଇ ନଥିଲେ। ଭାରତ ଫେରିବା ବେଳେ ସେ ବିମାନରେ ପୁଣି ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତେଣୁ ବିମାନ ଦିଲ୍ଲୀରେ ପହଞ୍ଚିବା ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

ଯାଞ୍ଚ କରିବା ପରେ ହାର୍ଟରେ ବ୍ଲକେଜ୍ ଥିବା ଜଣାପଡିଥିଲା। ତେଣୁ ଗୋଟିଏ ଷ୍ଟେଣ୍ଟ ଲଗାଯାଇଥିଲା। ଆଉ କିଛି ଦିନ ପରେ ଆଉ ଏକ ଷ୍ଟେଣ୍ଟ ଲଗାଇଥା'ନ୍ତେ ଡାକ୍ତର। ସୂଚନା ଅନୁଯାୟୀ, ଗୋଟିଏ ଷ୍ଟେଣ୍ଟ ଲାଗିବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିଲା ଓ ପୂର୍ବାପେକ୍ଷା ସେ ଭଲ ଅନୁଭବ କରୁଥିଲେ। କିନ୍ତୁ ଗତକାଲି ପୁଣି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା ଓ ବିଳମ୍ବିତ ରାତିରେ ତାଙ୍କର ପରଲୋକ ହୋଇଯାଇଥିଲା। ପ୍ୟାରିସ ଅଲିମ୍ପିକ୍ସରେ ଶୁଟିଂରେ ଦୁଇଟି ପଦକ ଜିତିଥିବା ମନୁ ଭାକରଙ୍କ ସଫଳତା ପଛରେ ବଡ ଯୋଗଦାନ ଥିଲା ଯଶପାଲ ରାଣାଙ୍କର। ସେ ଥିଲେ ମନୁ ଭାକରଙ୍କ କୋଚ୍। ତାଙ୍କ ମାର୍ଗଦର୍ଶନରେ ମନୁ ଭାକର ପ୍ୟାରିସ ଅଲିମ୍ପିକ୍ସରେ ପାଇଥିଲେ ଏହି ସଫଳତା।



ରାଜ୍ୟଗୋଷ୍ଠୀ କ୍ରୀଡା ଇତିହାସରେ ଯଶପାଲ ରାଣାଙ୍କୁ ସବୁଠୁ ଅଧିକ ସଫଳ ଭାରତୀୟ ଆଥଲେଟ୍ କୁହାଯାଏ। ସେ ୪ଟି ରାଜ୍ୟଗୋଷ୍ଠୀ କ୍ରୀଡା (୧୯୯୪, ୧୯୯୮, ୨୦୦୨ ଓ ୨୦୦୬)ରେ ଭାଗ ନେଇ ୧୫ଟି ପଦକ ଜିତିଥିଲେ। ତା' ମଧ୍ୟରେ ଥିଲା ୯ଟି ସ୍ୱର୍ଣ୍ଣ ପଦକ, ୪ଟି ରୌପ୍ୟ ଓ ୨ଟି ବ୍ରୋଞ୍ଜ ପଦକ। ୨୦୦୬ ଦୋହା ଏସିଆନ ଗେମସରେ ୩ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ।

୧୯୯୪ରେ ଯଶପାଲ ରାଣାଙ୍କୁ ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ୧୯୯୭ରେ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୨୦ରେ ତାଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ